## ସଂକ୍ଷେପରେ

### ୧୧ବାଇକ୍ ଜବତ, ୨ ଗିରଫ

ବାରିପଦା,୨୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଓ ଭଞ୍ଜପୁର ଥାନା ଅଞ୍ଚଳରୁ ଚୋରି ହୋଇଥିବା ୧୧ ବାଇକ୍ ଜବତ ହୋଇଛି। ଏହି ଘଟଣାରେ ୨ ଲୁଟେରାଙ୍କୁ ଗିରଫ ପରେ ପୋଲିସ କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (ନଂ.୬୯୧/୨୩) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଭଞ୍ଜପୁର ଥାନା ଭୁଗୁଡାକଟା ଅଞ୍ଚଳର ପିଣ୍ଟୁ ବୈଠା(୨୦) ଓ ଚାନ୍ଦୁଆ ଥାନା କୁସୁମାଶୋଳ ଗ୍ରାମର ଅମିତ ମୁଦୁଲି(୨୩)। ସୂଚନାଯୋଗ୍ୟ, ଦୂର୍ଗାପୂଜା ସମୟରେ ବିଭିନ୍ନ ମଣ୍ଡପରୁ ବାଇକ୍ ଚୋରି ହେବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ବଡ଼ସାହି ଥାନା ଅଞ୍ଚଳର ପରମେଶ୍ୱର ମହାନ୍ତ ତୁଳସୀ ଚଉରା ମେଢ଼ ଦେଖିବାକୁ ଯାଇ ବାଇକ୍ ରଖିଥିଲେ। ବାଇକ୍‌ଟି ଚୋରି ହେବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିବା ପରେ ସନ୍ଦେହରେ ପିଣ୍ଟୁଙ୍କୁ ପଚରାଉଚରା କରିଥିଲା। ପରେ ସମସ୍ତ ଚୋରି ଘଟଣା ସାମ୍ନାକୁ ଆସିଥିଲା।

### ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ

ପାଟଣା,୨୮।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ନର୍ଥ ବିଟ୍ ଗୋରାସ ଗ୍ରାମରୁ ବନ ବିଭାଗ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ କରିଛି। ଜବତ ୭ ଶାଳଗଣ୍ଡି ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ ଗଣ୍ଡିଗୁଡ଼ିକର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି। ଗଣ୍ଡିକୁ କାଠ ବ୍ୟବସାୟୀ ମୟୂରଭଞ୍ଜ ଜିଲାରୁ କାଟି ଆଣିଥିବା ଅନୁମାନ କରାଯାଉଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। ଚଢ଼ାଉରେ ସାହାରପଡ଼ା ବନପାଳ, ଗାର୍ଡ ନିରୁପମା ମାହାକୁଡ଼, ରଞ୍ଜିତା ମହାନ୍ତ, ଦୀପକ ରଣା ଓ ପାରାଷ୍ଟାଫ୍ ସାମିଲ ହୋଇଥିଲେ।

### ଦିଲ୍ଲୀ ଅଭିମୁଖେ ଗଲା ସଂଗୃହୀତ ମାଟି

ଧାମନଗର,୨୮।୧୦(ଦେବେନ୍ଦ୍ର ଆନ୍ଦିଆ)

ଅମୃତ ବାଟିକା ପାଇଁ ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଧାମନଗର ନିର୍ବାଚନମଣ୍ଡଳୀରୁ ସଂଗୃହୀତ ମାଟି ଦିଲ୍ଲୀ ପଠାଯାଇଛି। ଶହୀଦ ସ୍ମୃତିପୀଠ ଶହୀଦନଗର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ସମାଧୀ ପୀଠ ସହ ଶହୀଦ ସଂଗ୍ରାମୀଙ୍କ ପରିବାରରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ଧାମନଗର ବ୍ଲକ ଶହୀଦ ମଣ୍ଡଳ ସଭାପତି ଅଜୟ କୁମାର ବଳ, ତିହିଡ଼ି ବ୍ଲକ ମଣ୍ଡଳ ସଭାପତି ପ୍ରମୋଦ କୁମାର ଦାସ ଏବଂ ଗଡ଼ିଆଳି ସରପଞ୍ଚ ସରୋଜ କୁମାର ସ୍ୱାଇଁ ଅମୃତ କଳସ ଧରି ଭୁବନେଶ୍ୱର ହୋଇ ଶନିବାର ନୂଆଦିଲ୍ଲୀ ଅଭିମୁଖେ ଯାଇଛନ୍ତି। ଦିଲ୍ଲୀ ଅଭିମୁଖେ ଯାଉଥିବା ଭାଜପା ନେତୃମଣ୍ଡଳୀଙ୍କୁ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି ଅମୃତ କଳସ ପ୍ରଦାନ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନଭେମ୍ବର ୧ରୁ ଅଗ୍ନିବୀର ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା

ବାଲେଶ୍ୱର, ୨୮।୧୦ (ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ପ୍ରଶାସନ ଆନୁକୂଲ୍ୟରେ ସେନା ଚୟନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଭାରତୀୟ ସେନା ବାହିନୀର ଅଗ୍ନିବୀର ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ବାଲେଶ୍ୱର ରିଜର୍ଭ ପୋଲିସ ପଡିଆରେ ଆସନ୍ତା ନଭେମ୍ବର ୧ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ବିଭିନ୍ନ ଜିଲାରୁ ଆସି ଯୋଗଦେବାକୁ ଥିବା ପ୍ରାର୍ଥୀମାନଙ୍କ ରାତି ରହଣି ପାଇଁ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ଭିତରେ ଥିବା ପ୍ରଥମ ମହଲା ସରକାରୀ କୋଠାରେ ଦେୟମୁକ୍ତ ରହଣି ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ରାତି ସମୟରେ ଇତସ୍ତତଃ ଭ୍ରମଣ ନ କରି ବସ୍‌ଷ୍ଟାଣ୍ଡସ୍ଥିତ ସରକାରୀ କୋଠାରେ ରାତ୍ରିଯାପନ କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି। ରିଜର୍ଭ ପୋଲିସ ପଡ଼ିଆଠାରେ ନିର୍ଦ୍ଧାରିତ ସମୟରେ ପ୍ରାର୍ଥୀମାନେ ଯୋଗଦେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

# ବିଦ୍ୟୁତ୍ ଠିକା କର୍ମଚାରୀଙ୍କ ଆନ୍ଦୋଳନ

## ସେବା ବ୍ୟାହତ, ବଢୁଛି ଜନ ଅସନ୍ତୋଷ



ପାଣିକୋଇଲି ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ଆଗରେ ଠିକା କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

ପାଣିକୋଇଲି,୨୮।୧୦(ବିକାଶ ମଲ୍ଲିକ):

ଛଟେଇ ପ୍ରତିବାଦରେ ପାଣିକୋଇଲି ବିଦ୍ୟୁତ୍ ସେକ୍ସନରେ ରକ୍ଷଣାବେକ୍ଷଣ ନିମନ୍ତେ ଠିକାରେ ନିଯୁକ୍ତ କର୍ମଚାରୀ ଗତ ୧୯ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଉକ୍ତ ବିଦ୍ୟୁତ୍ ସେକ୍ସନରେ ଥିବା ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଫ୍ୟୁଜ ଗଲେ ମଧ୍ୟ ଦିନଦିନ ଧରି ଲାଇନ ରହୁନାହିଁ।

ସୂଚନା ଅନୁସାରେ, ଟାଟା ପାୱାରର ପାଣିକୋଇଲି ସେକ୍ସନରେ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବା ଲାଗି ୩୮ ଠିକା କର୍ମଚାରୀ ଅଛନ୍ତି। ଉକ୍ତ କର୍ମଚାରୀମାନେ ଟାଟା ପାୱାରଠାରୁ ଠିକା ନେଇଥିବା ଇମ୍ପେରିଆଲ ନାମକ ଏକ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ମାତ୍ର ଚଳିତ ମାସ ୧ ତାରିଖରୁ ବ୍ରାଏନ କନଷ୍ଟ୍ରକ୍ସନ ନାମକ ଦିଲ୍ଲୀର ଏକ ଏଜେନ୍ସି ରକ୍ଷଣାବେକ୍ଷଣ କାର୍ଯ୍ୟର ଠିକା ନେଇଛି। ଉକ୍ତ ଏଜେନ୍ସି ବିଦ୍ୟୁତ ରକ୍ଷଣାବେକ୍ଷଣ ନିମନ୍ତେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ଉପଭୋକ୍ତାଙ୍କଠାରୁ ବିଲ ଆଦାୟ କାର୍ଯ୍ୟରେ ଲଗାଇଛି। ଫଳରେ କେତେଜଣ କର୍ମଚାରୀ ଏହାର ବିରୋଧ କରିଛନ୍ତି। ତେଣୁ ଏଜେନ୍ସି ପକ୍ଷରୁ ସେକ୍ସନରେ କାର୍ଯ୍ୟରତ ୪ ଲାଇନମ୍ୟାନ ହେମନ୍ତ କୁମାର ଦାସ, ଅଜୟ କୁମାର ପରିଡ଼ା, ନାରାୟଣ ସାହୁ, ଜ୍ୟୋତିରଞ୍ଜନ ବାରିକ ଓ ୩ ହେଲପର ସତିଶ କୁମାର ନନ୍ଦୀ, ରଞ୍ଜନ ଗୁରୁ ଓ ଅକ୍ଷୟ କୁମାର ସ୍ୱାଇଁଙ୍କୁ ଗତ ୧୯ ତାରିଖରେ କାର୍ଯ୍ୟରୁ ଛଟେଇ କରାଯାଇଛି। ଏଜେନ୍ସି ପକ୍ଷରୁ ଆକ୍ରୋଶମୂଳକ ଭାବେ ଉକ୍ତ ୭ ଜଣଙ୍କୁ ଛଟେଇ କରାଯାଇଛି ବୋଲି ଅଭିଯୋଗ କରି ପାଣିକୋଇଲି ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟରତ ୩୮ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଉକ୍ତ ଛଟେଇକୁ ଗୁରୁତର ଭାବେ ନେଇଛି ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲଇଜ ୟୁନିୟନ। ଯଦି ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତ କରା ନ ଯାଏ ତେବେ ନଭେମ୍ବର ୨ରେ ଧବଳଗିରିସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯାଜପୁର ସର୍କଲରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନରେ ବସିବେ ୟୁନିୟନର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଦାସ ଚେତାବନୀ ଦେଇଛନ୍ତି।

# ଆଇନଜୀବୀଙ୍କୁ ଠକିଥିବା ଯୁବକ ଗିରଫ

## ବିଭିନ୍ନ ଥାନାରେ ରହିଛି ମାମଲା

ଯାଜପୁର ଟାଉନ,୨୮।୧୦
(ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଆଇନଜୀବୀଙ୍କୁ ଠକେଇ କରିଥିବା ଜଣେ ଯୁବକଙ୍କୁ ଯାଜପୁର ଟାଉନ୍ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ନୂଆଗାଁ ଅଞ୍ଚଳର ଦୀପକ ଓରଫ୍ କାର୍ତ୍ତିକ ରାଉତରାୟ। ତାଙ୍କ ନିକଟରୁ ୪ ମୋବାଇଲ ଫୋନ୍, ୬ ସିମ୍ କାର୍ଡ, ୬ ଚେକ୍‌ବୁକ୍ ଓ କେତେକ ଡିଜିଟାଲ ବ୍ୟାଙ୍କ/ୱାଲେଟ୍‌ର ତଥ୍ୟ ଜବତ କରାଯାଇଛି।

ସୂଚନା ଅନୁସାରେ, ଯାଜପୁର ଲୟର୍ସ ଆସୋସିଏଶନ୍‌ର ସଭାପତି ତଥା ଆଇନଜୀବୀ ଆଲୋକ ପାଣି ସେପ୍ଟେମ୍ବର ୧ରେ ଦୀପକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ। ଦୀପକ ଆଇନଜୀବୀ ପାଣିଙ୍କୁ ଫୋନ୍‌କରି ସେ ଯାଜପୁର ଜିଲା କୋର୍ଟର ଜଣେ ବିଚାରପତିଙ୍କ ସମ୍ପର୍କୀୟ। ତାଙ୍କର ଜଣେ ବନ୍ଧୁ ଯାଜପୁର ମେଡିକାଲରେ ରହି ଚିକିତ୍ସିତ ହେଉଛନ୍ତି। ତେଣୁ କିଛି ଟଙ୍କା ପଠାଉଛି, ଆପଣ ତାଙ୍କୁ ଦୟାକରି ଦେଇଦେବେ ବୋଲି କହିଥିଲେ। ପରେ ଏକ ମ୍ୟାସେଜ୍ ଦ୍ୱାରା ୧୦ ହଜାର ଟଙ୍କା ପଠାଇଥିଲେ ବୋଲି ଜଣାଇଥିଲେ। ମାତ୍ର କିଛି ସମୟ ପରେ ରୋଗୀ ଜଣକ ଯାଜପୁର ମେଡିକାଲରୁ କଟକକୁ ସ୍ଥାନାନ୍ତର ହୋଇଯାଇଛନ୍ତି ବୋଲି ଦୀପକ ପ୍ରକାଶ କରିବା ସହ ପାଣିଙ୍କୁ ତାଙ୍କ ୧୦ ହଜାର ଟଙ୍କା ଫେରାଇ ଦେବା ପାଇଁ ଅନୁରୋଧ କରିଥିଲେ। ଏହାର ଅନୁସନ୍ଧାନ ନ କରି ଆଇନଜୀବୀ ପାଣି ଦୀପକଙ୍କୁ ଟଙ୍କା ଫେରସ୍ତ କରିଥିଲେ। ଏହାପରେ ସେ ଜାଣିବାକୁ ପାଇଥିଲେ ତାଙ୍କ ଆକାଉଣ୍ଟକୁ କିଛି ଟଙ୍କା ଆସିନାହିଁ। ତେଣୁ ସେ ଠକାମିର ଶିକାର ହୋଇଥିବା ବୋଲି ଜାଣି ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଟାଉନ୍ ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ କଟକ ଜିଲା ବାଙ୍କୀ ଅଞ୍ଚଳରୁ ଦୀପକଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନାମରେ ଭଞ୍ଜନଗର, ଜଗତ୍‌ସିଂହପୁର, ବନହରପଲ୍ଲି, ଚାଉଳିଆଗଞ୍ଜ, ନବରଙ୍ଗପୁର ଓ ଝାରସୁଗୁଡା ଆଦି ଥାନାରେ ୯ରୁ ଉର୍ଦ୍ଧ୍ୱ ମାମଲା ଥିବା ଶନିବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ଥାନା ଅଧିକାରୀ ସେଠୀ ସୂଚନା ଦେଇଛନ୍ତି। ଏନେଇ ଥାନାରେ ନମ୍ବର ୩୨୪/୨୩ରେ ଏକ ମାମଲା ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଅଧିକାରୀମାନେ ସୂଚନା ଦେଉଛନ୍ତି।

# ଯୁବ ନାଗରିକଙ୍କୁ ଭୋଟର ହେବାକୁ ସଚେତନତା


ଭୋଟର ସଚେତନତା କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ଅଧିକାରୀମାନେ ପୁରସ୍କୃତ କରୁଛନ୍ତି।

ଯାଜପୁର ଟାଉନ,୨୮।୧୦
(ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଯୁବ ନାଗରିକଙ୍କୁ ଭୋଟର ହେବା ନିମନ୍ତେ ପ୍ରବର୍ତ୍ତାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଓ ଯାଜପୁର ପୌରପାଳିକାର ମିଳିତ ସହଯୋଗରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର ଏବଂ କୁସୁମାଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

ସ୍କାଉଟ, ଗାଇଡ୍, ଏନ୍‌ସିସି, ବିଭିନ୍ନ, ସ୍କୁଲ୍‌ର ଛାତ୍ରୀଛାତ୍ର, ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବତୀ, ମିଶନ ଶକ୍ତିର ମହିଳା ଓ ପୌରପାଳିକାର ପାରିଷଦଙ୍କୁ ନେଇ ଏକ ଶୋଭାଯାତ୍ରା ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରୁ ବାହାରି କୁସୁମା ପୋଖରୀ ସମ୍ମୁଖ ପଡିଆଠାରେ ପହଞ୍ଚିଥିଲା। ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମିଶନ ଶକ୍ତି ଭବନଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ପୌରପାଳିକାର ମହିଳାଙ୍କ ମଧ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। କୁସୁମା ସମ୍ମୁଖ ପଡ଼ିଆଠାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଯାଜପୁର ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ରାଠୋର, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, କୃତିବାସ ବାରିକ, ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ସ୍କୁଲ୍‌ର ଶିକ୍ଷକ ଜୟୀରଦ୍ଦିନ ଖାଁ ଓ ପୌରପାଳିକାର ସମସ୍ତ ପାରିଷଦ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

### ବନଜ୍ୟୋତିର ପୂଜା ସଂଖ୍ୟା ଉନ୍ମୋଚିତ

ବଡ଼ଚଣା,୨୮।୧୦(ଦିଲୀପ ମହାନ୍ତି):

ସାହିତ୍ୟ ପ୍ରତିକା 'ବନଜ୍ୟୋତି'ର ପୂଜା ସଂଖ୍ୟା ଛତିଆ ସୋଲରସ୍ଥିତ ଉଦାସ ଆଶ୍ରମ ପରିସରରେ ଉନ୍ମୋଚିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ବୃନ୍ଦାବନ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ଯୋଗଦେଇ ବନଜ୍ୟୋତିର ସ୍ୱତନ୍ତ୍ର ପୂଜା ସଂଖ୍ୟା ପାଠକଙ୍କ ଆଦୃତି ଲାଭ କରିବ ବୋଲି କହିଥିଲେ। ଏଥିସହିତ ସେ ପୁସ୍ତକର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ପାଦକ କର ଦୀର୍ଘ ୪୩ ବର୍ଷ ଧରି ବହୁ ବୁଦ୍ଧିଜୀବୀ, ଲେଖକ, କବି, ସାମାଜିକ କର୍ମୀ ଓ ଅନୁଷ୍ଠାନଗୁଡ଼ିକର ସାହାଯ୍ୟ ସହଯୋଗରେ ଏହି ପତ୍ରିକା ପ୍ରାକଶ ପାଇ ଆସୁଛି ବୋଲି ମତପ୍ରକାଶ କରିବା ସହିତ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନ କୁମାର ନାୟକ, କରୁଣାକର ମାହନ୍ତି, ସ୍ୱାଗତିକା ମହାନ୍ତି, ମାନସ ରଞ୍ଜନ ଦଳାଲ, ନିରୁପମା ଦଳାଲ, ସନ୍ଧ୍ୟାରାଣୀ ଆଚାର୍ଯ୍ୟ ଓ ମଧୁସୁଦନ ନନ୍ଦ ପ୍ରମୁଖ ଯୋଗଦେଇ ପତ୍ରିକା ପାଠକଙ୍କ ଆଦୃତିଲାଭ କରିବ ବୋଲି କହିଥିଲେ। ଆଶ୍ରମର ସେବକ ପଦ୍ମଲୋଚନ ଦାସ ଧନ୍ୟବାଦ ଦେଇଥିଲେ।

### ଚଣ୍ଡିପୁର ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ


ଗୁରୁ ପୂଜନ ଉତ୍ସବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ରସୁଲପୁର,୨୮।୧୦(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦୧୫-୧୬ ଶିକ୍ଷାବର୍ଷର ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୈଦ୍ୟନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀମାନେ ଏକତ୍ରିତ ହୋଇଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ଓ ପୂର୍ବତନ ଗୁରୁଙ୍କୁ ଆମନ୍ତ୍ରଣ କରିବା ସହ ସେମାନଙ୍କୁ ପଦ ପ୍ରଖାଳନ କରିବା ପର ମଞ୍ଚାସୀନ କରାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ପଣ୍ଡା, ବାସୁଦେବ ମଲିକ, ରେମଶ ଚନ୍ଦ୍ର ଦାସ, ନରେନ୍ଦ୍ର କୁମାର ପଣ୍ଡା, ତୃପ୍ତିମୟୀ ସାହୁ, ଦୀପ୍ତିମୟୀ ସାହୁ ଓ ପୁଷ୍ପଲତା ରାଉତ ପ୍ରମୁଖଙ୍କୁ ବିଦ୍ୟାର୍ଥୀମାନେ ସମ୍ମାନିତ କରିବା ସହ ଗୁରୁବନ୍ଦନା ଗାନ କରିଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇ ନିଜର ଅନୁଭୂତି ବାଣ୍ଟିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଟ୍ରକ୍ ଜାମ୍‌ରେ ଫସିଲେ ଦର୍ଶକ


କାଳିଆପାଣି ଟାଉନଶିପଠାରୁ ସୌରିକ ଦୁର୍ଗାପୂଜା ମେଳା ପର୍ଯ୍ୟନ୍ତ ରାସ୍ତା ଜାମ ହୋଇଛି।

କାଳିଆପାଣି,୨୮।୧୦(ଅସିତ ମହାନ୍ତ):

ଯାଜପୁର ଜିଲା କାଳିଆପାଣି କ୍ରୋମାଇଟି ଖଣି ଅଞ୍ଚଳରେ ସୌରିକ ଦୁର୍ଗାପୂଜାଠାରୁ ୧୦ ଦିନ ଧରି ମେଳା ଲାଗିଥିବାରୁ ଅଞ୍ଚଳର ହଜାରହଜାର ଲୋକ ମେଳା ବୁଲି ଯାତ୍ରା ଦେଖିବାକୁ ଆସୁଛନ୍ତି। ଶନିବାର ସମସ୍ତ ଖଣିରୁ କ୍ରୋମାଇଟି ଲୋଡିଂ କରି ସନ୍ଧ୍ୟାରେ ଏକା ସଙ୍ଗେ ଶହଶହ ଟ୍ରକ୍ ବାହାରିବାରୁ କାଳିଆପାଣି ଟାଉନଶିପଠାରୁ ସୌରିକ ଦୁର୍ଗାପୂଜା ମେଳା ପର୍ଯ୍ୟନ୍ତ ରାସ୍ତା ଜାମ ରହିଥିଲା। ଫଳରେ ମେଳାକୁ ଆସିଥିବା ଲୋକେ ଘରକୁ ଯାଇ ନ ପାରି ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ୨ ଘଣ୍ଟା ଧରି ଫସି ରହିଥିଲେ। ପୋଲିସ ନାଚାର ହୋଇ ଦର୍ଶକ ସାଜିଥିବାବେଳେ ଲୋକ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସର ଦୂରଦୃଷ୍ଟି ଅଭାବ ଯୋଗୁ ମେଳାକୁ ଆସିଥିବା ଦର୍ଶକ ହନ୍ତସନ୍ତ ହୋଇଥିବା ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ଗଣ୍ଡଗୋଳକାରୀ ଯବକଙ୍କୁ ଗିରଫ ଦାବି

### ଭତ୍ତା ବଣ୍ଟନ ବେଳେ ପିଇଓଙ୍କୁ ଅଶ୍ଳୀଳ ବ୍ୟବହାର ଅଭିଯୋଗ

ଚଣ୍ଡିଖୋଲ,୨୮।୧୦
(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତରେ ଭତ୍ତା ବଣ୍ଟନ ସମୟରେ ଗଣ୍ଡଗୋଳ କରିଥିବା ଯୁବକ ଦିଲୀପ କୁମାର ନାୟକଙ୍କୁ ଗିରଫ କରିବାକୁ ଦାବି ହୋଇଛି। ସରପଞ୍ଚ ଦେବଯାନୀ ମହାପାତ୍ର ଓ ସମିତିସଭ୍ୟା ରଶ୍ମିତା ସ୍ୱାଇଁ ଶନିବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହି ଦାବି ଉପସ୍ଥାପନା କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଅଣକା ପଞ୍ଚାୟତରେ ଭତ୍ତା ବଣ୍ଟନ କରାଯାଉଥିଲା। ଏହି ସମୟରେ ଅଣକା ଗ୍ରାମର ସତୀ ନାୟକଙ୍କୁ ୨ ମାସର ଭତ୍ତା ୧୪୦୦ ଟଙ୍କା ପ୍ରଦାନ କରିଥିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସନ୍ଧ୍ୟାରାଣୀ ମଲ୍ଲିକ। ଏଥିରେ ସତୀ ଅରାଜି ହୋଇ ମାସକୁ ୯ଶହ ଟଙ୍କା ହିସାବରେ ୧୮ଶହ ଟଙ୍କା ନେବେ ବୋଲି ଜିଦ ଧରିଥିଲେ। ପିଇଓ ରେକର୍ଡରେ ୭୦୦ ଲେଖା ହୋଇଛି। ତେଣୁ ୭୦୦ ଟଙ୍କା ନିଅ, ଯଦି ଭୁଲ ହୋଇଥିବ ତେବେ ବିଡିଓଙ୍କ ସହ ଆଲୋଚନା କରି ବାକି ଟଙ୍କା ଦେବେ ବୋଲି କହିଥିଲେ। ଏହାପରେ ଟଙ୍କା ନ ନେଇ ସତୀ ତାଙ୍କ ପୁଅ ଦିଲୀପଙ୍କୁ ଫୋନ କରି ଡାକିଥିଲେ। ଦିଲୀପ ଆସି ପିଇଓଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ପିଇଓ ମଲ୍ଲିକ ବାଲିଚନ୍ଦ୍ରପୁର ଥାନାରେ ୧୯ ତାରିଖରେ ଦିଲୀପଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାପରେ ଦିଲୀପଙ୍କ ମା' ମଧ ବାଲିଚନ୍ଦ୍ରପୁର ଥାନାରେ ଗତ ୨୫ ତାରିଖରେ ପିଇଓ ମଲ୍ଲିକ ଏବଂ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗ ଗ୍ରହଣ କରି ୨ ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସରପଞ୍ଚ ଓ ସମିତିସଭ୍ୟ ସତୀଙ୍କ ଏତଲା ମିଥ୍ୟା ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ କହିଛନ୍ତି।

# କାର୍ଯ୍ୟକ୍ଷମ ହୋଇପାରୁନି ବିଦ୍ୟୁତ୍ ଷ୍ଟ୍ରକ୍‌ଚର

- ଉଦ୍‌ଘାଟନକୁ ୫ ମାସ ବିତିଲାଣି
- ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ
- ଆନ୍ଦୋଳନ କରିବାକୁ ଚେତାବନୀ


ବ୍ରହ୍ମବରଦା କଲେଜ ନିକଟରେ ପ୍ରତିଷ୍ଠା ହୋଇଥିବା ୩୩/୧୧କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚର।

ବ୍ରହ୍ମବରଦା,୨୮।୧୦
(ଯଯାତି କେଶରୀ ବେହେରା):

ବ୍ରହ୍ମବରଦା କଲେଜ ନିକଟରେ ପ୍ରତିଷ୍ଠା ହୋଇଥିବା ୩୩/୧୧କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚର କାମରେ ଲାଗି ପାରୁନାହିଁ। ଫଳରେ ଏହାକୁ ନେଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଜୁନ ୮ରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ଷ୍ଟ୍ରକ୍‌ଚରକୁ ଉଦ୍‌ଘାଟନ କରି ବ୍ରହ୍ମବରଦା ଓ ଏହାର ଆଖପାଖ ୧୦ରୁ ଉର୍ଦ୍ଧ୍ୱ ଗାଁର ବିଦ୍ୟୁତ୍ ଉପଭୋକ୍ତା ଲୋ-ଭୋଲଟେଜ ସମସ୍ୟାରୁ ମୁକ୍ତି ପାଇବେ ବୋଲି ପ୍ରକାଶ କରିଥିଲେ। ହେଲେ ଏହା ମଧ୍ୟରେ ୫ ମାସ ବିତିଯାଇଥିଲେ ସୁଦ୍ଧା ଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏ ନେଇ ବିଗତ ଦିନରେ ବ୍ରହ୍ମବରଦାସ୍ଥିତ ବିଦ୍ୟୁତ୍ ଅଫିସ ସମ୍ମୁଖରେ ବ୍ରହ୍ମବରଦା, ଚାନ୍ଦପୁର ଓ ମହେଶ୍ୱରପୁରର ଶତାଧିକ ଉପଭୋକ୍ତା ଗଣଧାରଣା ଦେଇଥିଲେ।

ତେବେ ଷ୍ଟ୍ରକ୍‌ଚରର ଆର୍ଥିଙ୍ଗଗୁଡ଼ିକ ଆଇ୍‌ଏସ୍‌ଆଇ ଷ୍ଟାଣ୍ଡାର୍ଡ ହିସାବରେ କାମ ହୋଇ ନ ଥିବା, ପ୍ରୋଟେକ୍ସନ ସିଷ୍ଟମ ଠିକରେ ହୋଇ ନ ଥିବା ଓ ୩ ଫିଡର ମଧ୍ୟରୁ ଗୋଟିଏ ଫିଡରର କିଛି ତ୍ରୁଟି ଥିବା କୁଆଖିଆ ବିଦ୍ୟୁତ୍ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାଶ ଆନ୍ଦୋଳନକାରୀଙ୍କୁ କହିଥିଲେ। ଏଥିସହିତ ବାକି ଦୁଇ ଫିଡରକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ। ହେଲେ ତାଙ୍କ କଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି ଉପଭୋକ୍ତା ଅଭିଯୋଗ କରିଛନ୍ତି। ତେଣୁ ଷ୍ଟ୍ରକ୍‌ଚରକୁ ଶୀଘ୍ର କାର୍ଯ୍ୟକ୍ଷମ କରା ନ ଗଲେ ଆଗାମୀ ଦିନରେ ଉପଭୋକ୍ତା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଗୋଟିଏ ଡେମ୍ଫରେ ୬ କଖାରୁ



ଆଲି,୨୮।୧୦(ବନମାଳୀ ସେନାପତି)

ଗୋଟିଏ ଡେମ୍ଫରେ ୬ କଖାରୁ କଡ଼ ଧରିବା ନିଶ୍ଚିତ ଭାବେ ବିରଳ ଘଟଣା । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଆଲି ବ୍ଲକ ମାଣିକପାଟଣା ଗ୍ରାମରେ । ଗ୍ରାମର ପ୍ରମୋଦ ପଲାଇ ନାମକ ଜଣେ ବ୍ୟକ୍ତି ତାଙ୍କ ବାଡ଼ିରେ କଖାରୁ ଗଛ ଲଗାଇଛନ୍ତି। ଏବେ କଖାରୁ ଫଳିବା ଆରମ୍ଭ କରିଥିବା ବେଳେ ଗୋଟିଏ ଡେମ୍ଫରେ ଏକାସଙ୍ଗେ ୬ ଟି କଖାରୁ ଧରିଥିବା ଦେଖିବାକୁ ମିଳିଛି।

### ମହିଳା, ଝିଅଙ୍କୁ ଅସଦାଚରଣ ଅଭିଯୋଗ: ଜଣେ ଗିରଫ

କୁଜଙ୍ଗ,୨୮।୧୦ (ମନୋଜ ପ୍ରଧାନ)

ବାରମ୍ବାର ମହିଳା ଓ ଝିଅମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ କୁଜଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମର ଅଜୟ ପରିଡା ଓରଫ କାହ୍ନୁ। ଗତ ୨୩ ତାରିଖ ବିଳମ୍ବିତ ରାତିରେ ଏହି ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ବୋହୂ ଓ ଭାଣିଜୀଙ୍କ ସହ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୀଡ଼ିତାମାନଙ୍କ ପାଟିଶୁଣି ସମ୍ପୃକ୍ତ ବ୍ୟକ୍ତି ଉଠି ପଡ଼ିବାରୁ କାହ୍ନୁ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୪୬୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ପରେ ମୋବାଇଲ ନମ୍ବର ଟ୍ରାକ କରି ତାଙ୍କୁ ଧରିବା ପରେ ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ପୂର୍ବରୁ ଅନେକ ଥର ସ୍ଥାନୀୟ ଅଞ୍ଚଳର ଝିଅ ଓ ମହିଳାମାନଙ୍କ ସହ ଏପରି ଦୁର୍ବ୍ୟବହାର କରିଥିବା ଜଣାପଡ଼ିଛି।

# ବିପର୍ଯ୍ୟୟର ସୁପରିଚାଳନା ପାଇଁ ଭିତ୍ତିଭୂମି ଅଭାବ

## ମହାବାତ୍ୟାକୁ ୨୪ ବର୍ଷ

ପଟ୍ଟାମୁଣ୍ଡାଇ,୨୮।୧୦(କଳ୍ପତରୁ ନାୟକ)

୧୯୯୯ ଅକ୍ଟୋବର ୨୯ ମହାବତ୍ୟାକୁ ରବିବାର ୨୪ ବର୍ଷ ପୁରିଲା । ଆଜି ବି ଲୋକେ ଭୁଲି ନାହାନ୍ତି ସେଦିନର ସମୁଦ୍ରର ବିଶାଳ ଢେଉ, ୩୦୦ କିମି ବେଗରେ ବହୁ ଥିବା ପବନ, ଲୋଟି ଯାଉଥିଲା ବହୁ ମହାଦ୍ରୁମ। ଅଧା ଓଡ଼ିଶାକୁ ଛାରଖାର କରିଦେଇଥିବା ମହାବାତ୍ୟା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକକୁ ଧ୍ୱଂସସ୍ତୁପରେ ପରିଣତ କରିଥିଲା। ମହାବାତ୍ୟା ପରେ ରାଜ୍ୟର ଶାସନ ଡୋରି ଧରିଥିଲେ ବିଜେଡି ସରକାର। ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ନିର୍ମାଣ କଲେ ବାତ୍ୟା ଆଶ୍ରୟସ୍ଥଳୀ । ସାଧାରଣ ଲୋକଙ୍କୁ ବିପର୍ଯ୍ୟୟର ସାମନା କରିବା ପାଇଁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ, ବିଜୁ କୁଡ଼ିଆ, ମୋ କୁଡିଆ ଆଦି ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେଲେ । ପଟ୍ଟାମୁଣ୍ଡାଇ ଅଞ୍ଚଳର ଲୋକମାନେ ବି ଏହି ଯୋଜନାରେ ସାମିଲ ହୋଇଥିଲେ । ମହାବାତ୍ୟା ପରେ ପ୍ରାୟ ୧୦ଟି ବାତ୍ୟାକୁ ଲୋକେ ନିକଟରୁ ସାମ୍ନା କରିସାରିଲେଣି । ହେଲେ ବିଡମ୍ବନାର ବିଷୟ ପ୍ରତିଥର ବାତ୍ୟା ଆସୁଛି ସଂଖ୍ୟାଧିକ ଜନସାଧାରଣଙ୍କୁ ସ୍ଥାନାନ୍ତର କରାଯାଉଛି । ତଥାପି ଆବଶ୍ୟକ ଭିତ୍ତିଭୂମିର ଆଜି ବି ଅଭାବ ରହିଛି ବୋଲି ବୁଦ୍ଧିଜିବୀମାନେ କହିଛନ୍ତି ।

ବୁଦ୍ଧିଜୀବୀ ପ୍ରଭାତ ବେହେରା କୁହନ୍ତି, ୧୯୯୯ର ମହାବତ୍ୟା କେନ୍ଦ୍ରାପଡ଼ା ଜିଲାର ଅଧିକାଂଶ ବ୍ଲକ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମଧ୍ୟ ବହୁତ କ୍ଷତି ଘଟିଥିଲା । କେନ୍ଦ୍ରାପଡ଼ା ଜିଲାର ୩୮୭ ଜଣଙ୍କ ଜୀବନ ଯାଇଥିଲା। ୧୮୦୩ ଜଣ ଆହତ ହୋଇଥିଲେ । ୩ ହଜାରରୁ ଅଧିକ ମାଛଧରା ଡଙ୍ଗା ଭାସିଯାଇଥିଲା । ୪୮,୯୦୬ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ସହିତ ଜିଲାରେ୨,୯୭ ,୮୧୪ ଟି ଘର ଭାଙ୍ଗିଥିବା ଜିଲା ଜରୁରୀକାଳୀନ ବିଭାଗ ସୂତ୍ରରୁ ସୂଚନା ମିଳୁଛି । ୧୯୯୯ ମହାବାତ୍ୟା ପରେ ସରକାର ପଟ୍ଟାମୁଣ୍ଡାଇ, ବ୍ଲକର ୧୩ ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରି ଆସ୍କା ଲାଇଟ, ଚେନସ(କଟର), ଡ଼ିଜି ସେଟ, ସାଇରନ, କ୍ୟାଟରିଂ ସେଟ,ଲାଇଫ ଜାକେଟ ଆଦି ସାମଗ୍ରୀ ଯୋଗାଇ ଦିଆଯାଇଥିଲା। କିନ୍ତୁ ଏବେ ଏସବୁ ପ୍ରାୟତଃ କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଅନେକ କେନ୍ଦ୍ରରେ ଏହାକୁ ବିକ୍ରି କରିଦିଆଯାଇଛି । ଅନ୍ୟଥା କେଉଁଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। କେନ୍ଦ୍ରାପଡ଼ା ଜିଲାରେ ବିପର୍ଯ୍ୟୟର ସୁପରିଚାଳନା ପାଇଁ ଆବଶ୍ୟକ ସୁଦୃଢ ଭିତ୍ତିଭୂମି ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ ବୋଲି ସେ କହିଛନ୍ତି।

ସାମାଜିକ କର୍ମୀ ଦେବାଶିଷ ପଣ୍ଡା କୁହନ୍ତି, ୨୪ବର୍ଷ ପରେ ବି ମହାବାତ୍ୟା ପୀଡ଼ିତଙ୍କ ଦୁର୍ଦ୍ଦଶା ଶେଷ ହୋଇନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ଲୋକ ଆଜି ବି ଭଙ୍ଗା ଚାଳଘରେ ନିଜ ପରିବାରକୁ ଧରି ଜୀବନ ବିତାଉଛନ୍ତି । ବାତ୍ୟା ଆସିଲେ ପଞ୍ଚାୟତ କାର୍ଯ୍ୟାଳୟ ନ ହେଲେ ସ୍କୁଲକୁ ଯାଇ ଆଶ୍ରୟ ନେଉଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳ କେତେ ବିଜୁ ପକ୍କାଘର ଓ ଇନ୍ଦିରା ଆବାସ ଲୋକ ପାଇଛନ୍ତି ଏବଂ ୨୦୧୪ ରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ କେତେ ଲୋକଙ୍କୁ ଘର ମିଳିଛି ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ । କେବଳ କାଗଜ କଲମରେ ଲୋକଙ୍କୁ ଘର ବଣ୍ଟନ ହୋଇଛି ନା ଘର ପ୍ରକୃତରେ ତିଆରି ହୋଇଛି ତାହାକୁ ମଧ୍ୟ ଗୁରୁତ୍ୱଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଯୁବନେତା ସତ୍ୟାପ୍ରିୟ ସାମଲ କୁହନ୍ତି, ୨୪ବର୍ଷ ହେଲା ସରକାର ପକ୍କାଘର ଯୋଗାଉଛନ୍ତି । ଭଲ ପ୍ରଦର୍ଶନ ପାଇଁ ପୁରସ୍କାର ପାଉଥିବାର ନଜିର ଅଛି। ହେଲେ ଏସବୁ ଘର କିଏ ନେଉଛି, ପାଉଛି କିଏ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ସଂଖ୍ୟାଧିକ ଜନସାଧାରଣଙ୍କୁ ଏଭଳି ଦୈବୀ ଦୁର୍ବିପାକ ସମୟରେ ସ୍ଥାନାନ୍ତର କରାଯାଉଛି, ଏଥିରୁ ଆବାସ ଯୋଜନା କେତେ ସଫଳ ତାହା ସ୍ପଷ୍ଟ ଜଣାପଡୁଛି ବୋଲି ସେ କହିଛନ୍ତି।

ପଟ୍ଟାମୁଣ୍ଡାଇ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅନେକ ପରିବାର ଏବେ ବି ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଥିବାରୁ ଘର କରି ନ ପାରି ଏବେ ମଧ୍ୟ କୁଡିଆରେ କାଳାତିପାତ କରୁଛନ୍ତି । ଉଦାହରଣ ଭାବେ ଖଡିଅଣ୍ଟା ପଞ୍ଚାୟତର ପ୍ରଭାକର ସେଠୀଙ୍କୁ ନିଆଯାଇପାରେ । ମହାବାତ୍ୟା ପରଠୁଁ ସେ ସେହି ଖଟିମାଟି ଘରେ ରହିଆସୁଛନ୍ତି । ଘରେ ଭାଉଜ, ପୁଅ ବୋହୂ, ମାନସିକବିକାର ଦୁଇଝିଅ ଓ ନାତିକୁ ନେଇ ତାଙ୍କ ସଂସାର । ତାଙ୍କର ଗୋଟିଏ ରୋଜଗାରିଆ ପୁଅ ଗାଡ଼ି ଧକ୍କାରେ ପରପାରିକୁ ଚାଲିଯାଇଛନ୍ତି। ଟ୍ୟୁଶନ କଲେ ପରିବାର ଚଳେ । ପକ୍କା ଘର କରିବା ପାଇଁ ସେ ସକ୍ଷମ ନୁହନ୍ତି ବୋଲି ପ୍ରଭାକର ଦୁଃଖର ସହ ପ୍ରକାଶ କରିଛନ୍ତି । ଏବାବଦରେ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲା । ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ ।

# କୁମାରୋତ୍ସବ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଛି




ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କଳାକାରମାନେ।

ତିର୍ତ୍ତୋଲ, ୨୮।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକର ପୁରାତନ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମିତି ସଭାପତି ବିମଳକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଗ୍ରାମାଞ୍ଚଳରେ ଏହିଭଳି ଅନୁଷ୍ଠାନ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବାରେ ସହାୟକ ହୋଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ କିଶନନଗର କଲେଜ ଅଧ୍ୟକ୍ଷ ସାରଦା ପ୍ରସନ୍ନ ମହାପାତ୍ର ଯୋଗଦେଇ କୁମାରପୂର୍ଣ୍ଣିମୀ ଓ ଗଣକବି ବୈଷ୍ଣବ ପାଣିଙ୍କ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବିକାଶ ପରିଷଦର ସଭାପତି ତଥା ଭାଜପା ନେତା ଶାରଦା ପ୍ରଧାନ, ପୂର୍ବତନ ଏମପି ବିଭୁପ୍ରସାଦ ତରାଇ, ଜଗତ୍‌ସିଂହପୁର ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ସାହିତ୍ୟିକା ରଶ୍ମି ମିଶ୍ର, ଆଇନଜୀବୀ ରାଜକିଶୋର ବେହେରା, ଝଙ୍କଡ଼ ସାହିତ୍ୟ ସଂସଦର ସମ୍ପାଦକ ଗୋଲକ ବିହାରୀ ପଲାଇ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାରାଦୀପର ଯୁବନେତା ସମ୍ପଦ ସ୍ୱାଇଁ, ସମିତିର ଉପଦେଷ୍ଟା ବିଭୂତି ଭୂଷଣ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ରହିଥିଲେ। ସମ୍ପାଦକ ଅଧାପକ ନରେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସୁଖେନ୍ଦୁ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ଉପସଭାପତି ରାକେଶ ମହାପାତ୍ର, ପ୍ରଦୀପ ମହାପାତ୍ର, ମନୋଜ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ: ୨ ଅଭିଯୁକ୍ତ ଗିରଫ




ଗିରଫ ୨ ଅଭିଯୁକ୍ତ ଏବଂ ଜବତ ଚୋରି ସାମଗ୍ରୀ।

କୁଜଙ୍ଗ, ୨୮।୧୦ (ମନୋଜ ପ୍ରଧାନ)

- ଯେଉଁ ଘରେ ଇଲେକ୍ଟ୍ରିୱାରିଂ କାମ କରନ୍ତି ରାତିରେ ସେଠାରୁ ଚୋରି କରନ୍ତି
- ଶୁକ୍ରବାର ରାତିରେ ଚୋରି ଯୋଜନା ପଣ୍ଡ ହେଲା

କୁଜଙ୍ଗ ଥାନା ଅଞ୍ଚଳରେ ନୂଆକରି ଗଢି ଉଠିଥିବା ଏକ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଛି। ଏହି ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ଉଭୟ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଗଣ୍ଡକିପୁର ଗ୍ରାମର ଅବନୀକାନ୍ତ ବେହେରା ଓରଫ ହାପି, ପ୍ରେମାନନ୍ଦ ସ୍ୱାଇଁ ଓରଫ ସୁମନ। ଏହି ଥାନା ଅନ୍ତର୍ଗତ ମାଳହୁଙ୍କା ଗ୍ରାମର ସୂର୍ଯ୍ୟକାନ୍ତ ମାଝିଙ୍କ ଘରୁ ଇନ୍‌ଭର୍ଟର, ଷ୍ଟାଣ୍ଡଫ୍ୟାନ, ଗ୍ରାଇଣ୍ଡର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଗତ ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ମାମଲା (ନଂ.୪୭୦/୨୩) ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଶୁକ୍ରବାର ରାତିରେ ସନ୍ଦେହରେ ଅବନିକାନ୍ତ ଓ ପ୍ରେମାନନ୍ଦଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା ଚଳାଇଥିଲା। ଏହି ସମୟରେ ଚୋରି ଗ୍ୟାଙ୍ଗ ସମ୍ପର୍କରେ ପୋଲିସ ଜାଣିପାରିଥିଲା। ଅବନିକାନ୍ତ ଓ ପ୍ରେମାନନ୍ଦଙ୍କ ସମେତ ଅନ୍ୟ କେତେଜଣ ଯୁବକ ଘରେ ଇଲେକ୍ଟ୍ରିୱାରିଂ କାମ କରନ୍ତି। ସେମାନେ ଅନ୍ୟ ମେକାନିକମାନଙ୍କ ଠାରୁ କମ୍ ଦରରେ କାମ କରିଥାନ୍ତି। ଏନେଇ ଲୋକେ ସେମାନଙ୍କୁ ଅଧିକ ଡାକନ୍ତି। ମାତ୍ର ଅଭିଯୁକ୍ତମାନେ ଯେଉଁ ବ୍ୟକ୍ତିଙ୍କ ଘରେ କାମ କରନ୍ତି ରାତିରେ ସେମାନଙ୍କ ଘରୁ ସମସ୍ତ ସରଞ୍ଜାମ ଚୋରି କରି ନିଅନ୍ତି ବୋଲି ସ୍ୱୀକାର କରିଛନ୍ତି। ଶୁକ୍ରବାର ରାତିରେ ଫତେପୁର ଗ୍ରାମର ଜଣକ ଘରୁ ଚୋରି କରିବା ପାଇଁ ଯୋଜନା କରିଥିଲେ। ମାତ୍ର ଉଭୟେ ପୋଲିସ ହାତରେ ଧରାପଡ଼ିଯିବାରୁ ସେମାନଙ୍କ ଯୋଜନା ପଣ୍ଡ ହୋଇଯାଇଥିବା କହିଛନ୍ତି। ଖୁବ୍‌ଶୀଘ୍ର ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରାଯିବ ବୋଲି କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।



ଜଗତ୍‌ସିଂହପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନିମନ୍ତେ ଆୟୋଜିତ ସଚେତନତା ପଦଯାତ୍ରା।

# ପାରାଦୀପ ବେଳାଭୂମିରେ କୁମାର ଉତ୍ସବ ଆରମ୍ଭ

ପାରାଦୀପ,୨୮।୧୦(ଶରତ ରାଉତ)

ପାରାଦୀପ ବେଳାଭୂମିସ୍ଥିତ ଶାରଳା ମଣ୍ଡପରେ ଶନିବାର ସନ୍ଧ୍ୟାରେ ୨ ଦିନିଆ କୁମାର ଉତ୍ସବ ଆରମ୍ଭ ହୋଇଛି। ସାଂସ୍କୃତିକ ଅନୁଷ୍ଠାନ ମୟୁରୀ କଳା ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମପି ଡା. କୁଳମଣି ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବିକା ପ୍ରେମଲତା ବାରିକ, କାନମାସ ନାଟ୍ୟ ଅନୁଷ୍ଠାନ ସମ୍ପାଦକ ଶ୍ରୀମନ ମିଶ୍ର ପ୍ରମୁଖ ଯୋଗଦେଇ କୁମାର ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ସଂସ୍କୃତି ସମ୍ପନ୍ନ ଓଡିଶାର ଏହି ପର୍ବ ଝିଅମାନଙ୍କୁ ଏକ ନିଆରା ଆନନ୍ଦ ଦେଇଥାଏ। ଏବେ ପୁରପଲ୍ଲୀରେ ଏହାକୁ ଉତ୍ସବ ଭାବେ ପାଳନ କରାଯାଉଛି। ପାରାଦୀପ ପାଇଁ ଏହା ସ୍ମରଣୀୟ ଉତ୍ସବ ବୋଲି ମୁଖ୍ୟ ଅତିଥି ସାମଲ କହିଥିଲେ। ଏହି ପରମ୍ପରାକୁ ଆଗକୁ ବଜାୟ ରଖିବା ପାଇଁ ଉପସ୍ଥିତ ଅତିଥିମାନେ ଅନୁରୋଧ କରିଥିଲେ।

# ପାରାଦୀପ ରିଫାଇନେରିରୁ ରେଫରେନ୍ସ ଗ୍ୟାସୋଲିନ ଉତ୍ପାଦନ

ପାରାଦୀପ,୨୮।୧୦(ଶରତ ରାଉତ)

ଇଣ୍ଡିଆନ ଅଏଲ ପାରାଦୀପ ଓ ପାନିପତ ରିଫାଇନେରିରୁ ପ୍ରଥମକରି ରେଫରେନ୍ସ ଗ୍ୟାସୋଲିନ ଓ ଡିଜେଲ ଉତ୍ପାଦନ ଆରମ୍ଭ ହୋଇଛି। ଏହି ଗ୍ୟାସୋଲିନ ଇନ୍ଧନ ଅଟୋମୋବାଇଲ କ୍ଷେତ୍ରରେ ଉପଯୋଗୀ ହୋଇଥାଏ। ଭାରତରେ ଥିବା ଅଟୋମୋବାଇଲ କମ୍ପାନୀ ମାନଙ୍କ ପାଇଁ ଏହି ପେଟ୍ରୋଲିୟମ ଉତ୍ପାଦ ସହାୟକ ହେବ ବୋଲି ଆଇଓସିଏଲ ପକ୍ଷରୁ କୁହାଯାଇଛି। ଉକ୍ତ ଗ୍ୟାସୋଲିନ ୟୁନିଟକୁ ଗତ ୨୬ରେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୈଳ ମନ୍ତ୍ରଣାଳୟ ସଚିବ ପଙ୍କଜ ଜୈନ ଓ ଆଇଓସିଏଲ ଅଧ୍ୟକ୍ଷ ଏସ୍ ଏମ.ବୈଦ୍ୟ ଉପସ୍ଥିତ ଥିଲେ।




ପତାକା ଦେଖାଇ ରେଫରେନ୍ସ ଗ୍ୟାସୋଲିନ ଓ ଡିଜେଲ ଉତ୍ପାଦନର ଶୁଭାରମ୍ଭ କରାଯାଉଛି।

# ଛିଣ୍ଡା ପାଲ ତଳେ ବିତୁଛି ଜୀବନ

## ଆବାସ ଯୋଜନା ସାତସପନ

ରାହାମା,୨୮।୧୦(ଶ୍ରୀକାନ୍ତ ଦାସ )

କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବଙ୍କ ପାଇଁ ଆବାସ ଯୋଜନାରେ ଗୃହ ଯୋଗାଇଦେଉଛନ୍ତି। ମାତ୍ର ପ୍ରକୃତ ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ଉଦାହରଣ କୁଜଙ୍ଗ ବ୍ଲକ ତାଳପଡା ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟଳ ଗ୍ରାମ ୧୪ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି। ଭିନ୍ନକ୍ଷମ ଅରକ୍ଷିତ ସାହୁଙ୍କ ପାଇଁ ଏହି ଯୋଜନାରେ ଘର ଖଣ୍ଡେ ପାଇବା ସାତସପନ ପାଲଟିଛି। ଫଳରେ ଏକ ଭଙ୍ଗାଘରେ ରହିବାକୁ ସେ ବାଧ ହେଉଛନ୍ତି। ଭଙ୍ଗା ଇଟାରେ କାଦୁଅ ଯୋଡି କରିଥିବା ଉକ୍ତ ଘରକୁ ଅର୍ଥାଭାବରୁ ଛପର କରିପାରୁନାହାନ୍ତି। ଫଳରେ ଶୀତକାକରରେ ସ୍ତ୍ରୀ ମଞ୍ଜୁଲତାଙ୍କ ସହ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ଭିନ୍ନକ୍ଷମ ଭତ୍ତା ବାବଦରେ ୫୦୦ ଟଙ୍କା ଓ ରାଶନ କାର୍ଡ ବାବଦରେ ୧୦ କିଲୋ ଚାଉଳକୁ ନେଇ ଉଭୟେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅରକ୍ଷିତ ବାରମ୍ବାର ନିବେଦନ କରିଥିଲେ ମଧ କୌଣସି ଫଳପ୍ରଦ ହେଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ତାଳପଡା ସରପଞ୍ଚଙ୍କ ପ୍ରତିନିଧି କହିଛନ୍ତି, ସେ ଜିଲାପାଳଙ୍କ ନିକଟରେ ଅରକ୍ଷିତଙ୍କ ଆବେଦନପତ୍ର ଦେବେ। ଜିଲାପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରିବେ। ଏଥିରେ ଯୋଗ୍ୟ ବିବେଚିତ ହେଲେ ଅରକ୍ଷିତଙ୍କୁ ଯଥାଶୀଘ୍ର ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ।



ଭଙ୍ଗା କୁଡ଼ିଆ ତଳେ ଅରକ୍ଷିତ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା।

# ୨ ଚକିଆ ଯାନ ପାଇଁ ବିପଦ ପିଲେଟ୍ ଗୁଲି

ପାରାଦୀପ,୨୮।୧୦(ଶରତ ରାଉତ)

- ଜାତୀୟ ରାଜପଥ ଅଠରବାଙ୍କି-ଦୋଛକି ରାସ୍ତା
- ମାସକରେ ଦୁର୍ଘଟଣା ଯୋଗୁ ୮ ଜଣଙ୍କ ଜୀବନ ଗଲାଣି

ପାରାଦୀପର ଅଠରବାଙ୍କି-ଦୋଛକି ରାସ୍ତା ସବୁବେଳେ ଦୁର୍ଘଟଣା ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମାସକ ମଧ୍ୟରେ କେବଳ ଦୁର୍ଘଟଣା ଯୋଗୁ ୮ଜଣଙ୍କ ଜୀବନ ଯାଇସାରିଲାଣି। ଅନେକ ଆହତ ହୋଇଛନ୍ତି। ପ୍ରାୟ ସବୁ ଦୁର୍ଘଟଣା ବାଇକ୍ ଓ ସାଇକେଲ ଆରୋହୀଙ୍କ କ୍ଷେତ୍ରରେ ଘଟିଛି। ଏପରି ଦୁର୍ଘଟଣା ଉକ୍ତ ରାଜପଥ ଉପରେ ପଡିଥିବା ପିଲେଟ୍ ଗୁଲି ପାଇଁ ହେଉଛି ବୋଲି ଅନେକ ଦୁଇଚକିଆ ଚାଳକ କହୁଛନ୍ତି। ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ୪.୫ କିମି ରାସ୍ତାରେ ଏପରି ଗୁଲି ଚାରିଆଡେ ପଡିଛି। ଏହି ଗୁଲି ଉପରେ ୨ ଚକିଆ ଯାନର ଚକା ଚଢ଼ିଲେ ତାହା ସ୍ଲିପ୍ କରୁଛି ବୋଲି ପାରାଦୀପର ବାଇକ୍ ଆରୋହୀ ରମାକାନ୍ତ ନାୟକ କହିଛନ୍ତି। ଗତ ଶୁକ୍ରବାର ସକାଳେ ସେ ଏକ ବିଶେଷ କାମରେ ପାରାଦୀପରୁ କୁଜଙ୍ଗ ଅଭିମୁଖେ ଯିବାବେଳେ ତାରିଣୀଗଡ଼ା ପାଖରେ ବାଇକ୍ ସହିତ ହଠାତ ପଡି ଯାଇଥିଲେ। ସେହି ସମୟରେ ପଛରୁ ଆସୁଥିବା ଏକ ୧୪ ଚକିଆ ଟ୍ରକ ଚାଳକ ଗାଡ଼ି ନିୟନ୍ତ୍ରଣ କରିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଯେତେ ଦୁର୍ଘଟଣା ଘଟୁଛି ପ୍ରାୟତଃ ଏମିତି ହେଉଛି। ବର୍ଷା ସମୟରେ ସେହି ପିଲେଟ୍ ଗୁଲି ଓଦା ହୋଇଗଲେ ତାହା ଆହୁରି ଅଧିକ ସ୍ଲିପ୍ କରିଥାଏ ବୋଲି ପ୍ରଭାସ ସ୍ୱାଇଁ କହିଛନ୍ତି।



ରାସ୍ତାରେ ପଡିଥିବା ପିଲେଟ୍ ଗୁଲି।

ଲୁହାପଥରରୁ ଏକ କାରଖାନାରେ ଏହି ପିଲେଟ୍ ଗୁଲି ତିଆରି ହୁଏ। ସେହି ପିଲେଟ୍ ଟ୍ରକ୍ ଯୋଗେ ପାରାଦୀପ ପୋର୍ଟ ଭିତରକୁ ପରିବହନ ବେଳେ କିଛି ମାତ୍ରାରେ ରାସ୍ତା ଉପରେ ପଡିଥାଏ। ଗତ ୬ ମାସ ହେଲା ଉକ୍ତ ରାଜପଥର ଅଧିକାଂଶ ସ୍ଥାନରେ ପିଚୁ ଉଠି ଗଲାଣି। ଏପରିକି କେତେକ ଜାଗାରେ ଗର୍ତ୍ତ ହୋଇଯାଇଛି। ସେହି ରାସ୍ତାକୁ ଜାତୀୟ ରାଜପଥ ପକ୍ଷରୁ ସପ୍ତାହେ ହେଲା ପ୍ୟାଚ ପକା କାମ ଚାଲିଛି। କିନ୍ତୁ ସେହି ରାସ୍ତାରେ ପଡୁଥିବା ପିଲେଟକୁ ସଫା କରାଯାଉନାହିଁ। ଯାହାଦ୍ୱାରା ଦୁର୍ଘଟଣାର କାରଣ ସାଜିଛି ବୋଲି ପରିବେଶ ସୁରକ୍ଷା ଟ୍ରଷ୍ଟ ସମ୍ପାଦକ ଶିବ ବିଶ୍ୱାଳ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ରାଜପଥ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାରେ ଦୁର୍ଘଟଣା ଯୋଗୁ ଅନେକ ସଙ୍ଗଠନ, ସ୍ଥାନୀୟ ବିଜୟଚନ୍ଦ୍ରପୁର ନାଗରିକ କମିଟି, ବାଲିଝରା ବସ୍ତି କମିଟି ସମେତ ଅନ୍ୟ ସଙ୍ଗଠନ ଲିଖିତ ଅଭିଯୋଗ ଏକାଧିକ ବାର କରିସାରିଲେଣି। ଜିଲା ପ୍ରଶାସନ ପକ୍ଷରୁ ମଧ ଅନେକ ଥର ସମୀକ୍ଷା ବୈଠକ ହୋଇଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ ଦୁର୍ଘଟଣା ରୋକିବା ଲାଗି ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ବିଧାୟକ ସମ୍ବିତ ରାଉତ କହିଛନ୍ତି, ଉକ୍ତ ରାସ୍ତାରେ ଗୋଲେଇ ଛକ, ଟ୍ରାଫିକ ନିୟନ୍ତ୍ରଣ ଓ ନିୟମିତ ସଫେଇ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସରିଛି। ଇଫ୍‌କୋ କମ୍ପାନୀ ଏକ ବିଶ୍ୱସ୍ତରୀୟ ଗୋଲେଇ ଛକ ନିର୍ମାଣ କରିବା ପାଇଁ ସମ୍ମତି ଦେଇଛି। ରାଜପଥ କର୍ତ୍ତୃପକ୍ଷ ଅସହଯୋଗ କରୁଥିବାରୁ ତାହା ବିଳମ୍ବ ହେଉଛି। ଏହି ରାସ୍ତାକୁ ଦୁର୍ଘଟଣା ମୁକ୍ତ କରିବା ପାଇଁ ଏବେ ସମସ୍ତେ ପ୍ରାଥମିକତା ଆଧାରରେ ପ୍ରୟାସ ଜାରି ରଖିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ପୋଲସରା/ହାତୀଓଟ,୨୮।୧୦ (ସୁବ୍ରତ ବେହେରା/ରଞ୍ଜୟ ପାଣିଗ୍ରାହୀ)

ପୋଲସରା ଥାନା ପାଟିଗଡ଼ ଗ୍ରାମରେ ଶନିବାର ସାପକାମୁଡାରେ ଜଣେ ମହିଳାଙ୍କ ମୃତ ଘଟିଛି। ସେ ହେଲେ ସେହି ଗ୍ରାମର ସୋମନାଥ ଗୌଡ଼ଙ୍କ ସ୍ତ୍ରୀ ସରସ୍ୱତୀ (୩୫) ବର୍ଷ। ସରସ୍ୱତୀ ସକାଳୁ ବିଲକୁ ଯାଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଦେଇଥିଲା। ପରିବାର ଲୋକେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହିତ ନଂ. ୧୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍ଆଇ ଜୟ ପ୍ରକାଶ ପଟ୍ଟନାୟକ କହିଛନ୍ତି।

### କୀଟନାଶକ ଔଷଧ ଖାଇ ମହିଳାଙ୍କ ମୃତ୍ୟୁ

ପୋଲସରା,୨୮।୧୦ (ସୁବ୍ରତ ବେହେରା/ରଞ୍ଜୟ ପାଣିଗ୍ରାହୀ)

କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଓର୍ଶଙ୍ଗ ଗ୍ରାମର ବଂଶୀଧର ଜେନାଙ୍କ ସ୍ତ୍ରୀ କମା ଜେନା (୬୫)ଙ୍କ ଶନିବାର କିଟ ନାଶକ ଔଷଧ ପିଇ ମୃତ୍ୟୁ ଘଟିଛି। ଉଭୟ ଦମ୍ପତି ଘରେ ରହୁଥିଲେ। ସକାଳେ କୌଣସି ବଶତଃ କମା କିଟ ନାଶକ ପିଇ ଦେଇ ଟଳି ପଡ଼ିଥିଲେ। ପଡ଼ୋଶୀ ତାଙ୍କୁ ସଙ୍ଗେ ସଙ୍ଗେ ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

### କୁଆଁରୀ କନ୍ୟାଙ୍କ ଜହ୍ନିଓଷା ଉଦ୍‌ଯାପିତ

ବୁଗୁଡ଼ା,୨୮।୧୦(କାଳି ଚରଣ ଦାଶ)

ବୁଗୁଡ଼ାରେ କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପର୍ବ ଶନିବାର କୁମାର ପୂର୍ଣ୍ଣିମାରେ କ୍ରୀଡ଼ା କୌତୁକ ଓ ନୃତ୍ୟ ଗୀତ ସହ ଉଦ୍‌ଯାପିତ ହୋଇଯାଇଛି। ବୁଗୁଡା ସହର ଓ ବିଭିନ୍ନ ଗାଁରେ ଆଶ୍ୱିନ ମାସରେ କୁମାରୀମାନେ ଏହି ଓଷା ପାଳନ କରିଆସୁଥିଲେ। ବୁଗୁଡା ଏନ୍ଏସିର ଯାଦବ ସାହି, ଓଡ଼ିଆ ସାହି, ଖଦାଳ ସାହି, ଅରବିନ୍ଦ ନଗର ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ। ଏ ବର୍ଷ ସ୍କୁଲ ପିଲାଙ୍କଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡି ଥିବା ଝିଅମାନେ ଏହି ଓଷା କରିଥିଲେ। ଦଳ ଦଳ ହୋଇ ଗାଁରେ ଥିବା ତୁଳସୀ ଚଉରା ମୂଳେ କୁମାରୀମାନେ ପୂଜା ଜାରି ରଖୁଥିଲେ। ମାସ ତମାମ ନିଷ୍ଠା ସହକାରେ ଆମିଷ ଓ ଜହ୍ନି ପରିବାକୁ ସେମାନେ ଖାଇବା ତ ଦୂରର କଥା ସ୍ପର୍ଶ ବି କରିନଥିଲେ। ପୂର୍ଣ୍ଣିମା ଦିନ ନିର୍ଜଳ ଉପବାସ ରହି ପୂଜା ଶେଷ ପରେ ଗଜା ଚାଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ। ବିଭିନ୍ନ ପରମ୍ପରା ଲୋପ ହେବାକୁ ବସିଥିବା ବେଳେ କୁଆଁରୀ ଝିଅମାନେ ଏହି ବ୍ରତ ପାଳନ ଜରିଆରେ ନିଜର ମନସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ।

# ଭୋଟର ତାଲିକା ସଂଶୋଧନ ନେଇ ପଥୋତ୍ସବ

ଛତ୍ରପୁର,୨୮।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ଭୋଟର ତାଲିକା ସଂଶୋଧନ ନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ 'ପଥ ଉତ୍ସବ' ଆୟୋଜିତ ହୋଇଥିଲା। ଏହାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁଭାରମ୍ଭ କରିଛନ୍ତି। ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ଏବଂ ଭୋଟର ତାଲିକାରେ ନିଜ ନାମ ଓ ପରିବାରର ନାମ ସଂଯୋଗ କରିବା, ଭ୍ରମ ସଂଶୋଧନ କରିବା ସହ ନିଜର ନାଗରିକ ଅଧିକାର ସାବ୍ୟସ୍ତ କରିବା ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ନିଜ ନିଜର ସ୍ୱାଧୀନ ଭାବେ ମତଦାନ ପ୍ରଦାନ କରିବାର ଅଧିକାର ସୁଯୋଗ ଲାଭ କରିବା ନିମନ୍ତେ ଭୋଟର କାର୍ଡର ସଦ୍‌ବ୍ୟବହାର କରିବା ଜରୁରୀ ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି। ଛତ୍ରପୁର ଅନସ୍ଲୋ ହାଇସ୍କୁଲ ଓ ରିଜର୍ଭ ପୋଲିସ ପରେଡ଼ ଗ୍ରାଉଣ୍ଡ ଛକ ପଥ ପ୍ରାନ୍ତରେ 'ପଥ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏସଏଚଜି ମହିଳାଗ୍ରୁପ, ଶିକ୍ଷକ ଶିକ୍ଷୟିତ୍ରୀ,



ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ମିଶନ ଶକ୍ତି, ଅଙ୍ଗନାବାଡ଼ି ଦିଦି, କଲେଜ ଛାତ୍ରୀଛାତ୍ର, ଅଫିସିଆଲ ଷ୍ଟାଫ ଆଦି ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଛତ୍ରପୁର ଉପଜିଲାପାଳ ଦେବବ୍ରତ ମହନ୍ତ ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ ପ୍ରଶାସନ) ଲୀନା କୁମାରୀ ଖେସ, ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ ଓ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗ୍ରାମଜିତ ସାହୁ, ତହସିଲଦାର ଦିବ୍ୟା ମହାନ୍ତି , ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହକାରୀ ଉପଜିଲାପାଳ ପୁଷ୍ପାଞ୍ଜଳି କୃଷିକା ଏବଂ ଅତନୁ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ପଦଯାତ୍ରା ଜରିଆରେ ଭୋଟର ସଚେତନତା

ଭଞ୍ଜନଗର,୨୮।୧୦(ବାବୁଲା ପ୍ରଧାନ):

ଭୋଟର ପଞ୍ଜିକରଣ, ନିର୍ବାଚନରେ ଅଶଂଗ୍ରହଣ, ନର୍ଭୁଲ ଭୋଟର ତାଲିକା ସଂଶୋଧନ ସହ ସଚେତନତା ଏବଂ ଯୁବଗୋଷ୍ଠୀ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରଜ୍ୱଳିତ କରିବା ପାଇଁ ଶନିବାର ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅନିଲ କୁମାର ସେଠୀ ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ପଦଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ରେଡକ୍ରସ ରୋଡ, ମୁଖ୍ୟ ସଡକ ଦେଇ ଭଞ୍ଜନଗର ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ସେଠାରେ ସଭା ସହ ସାଂସ୍କୃତିକ



ଉପଜିଲାପାଳ ପଦଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାବିତ୍ରୀ ମହିଳା ମହାବିଦ୍ୟାଳୟ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିସହ ରଙ୍ଗୋଲି ଓ ଚିତ୍ରାଙ୍କନ କାର୍ଯ୍ୟକ୍ରମ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, କ୍ୟାପଟେନ ଏମ କେ ସ୍ୱାଇଁ, କେଏସୟୁବି କଲେଜ ଏନସିସି ନାଭାଲ ଅଫିସର ଡଃ ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ।

## ଦାରିଙ୍ଗବାଡ଼ିରୁ ଦିଲ୍ଲୀ ଗଲା ଅମୃତ କଳସ ଯାତ୍ରା

ଦାରିଙ୍ଗବାଡି,୨୮।୧୦(ଅରୁଣ ସାହୁ)

ଆସନ୍ତା ନଭେମ୍ବରରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ପାଇଁ ଅମୃତ କଳସ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଦିଲ୍ଲୀକୁ ଅମୃତ କଳସ ନେଇ ଯାତ୍ରା ହୋଇଥିବା ବେଳେ ଦାରିଙ୍ଗବାଡ଼ିର ଯୁବକ ମିଟୁ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କଳସ ନେଇ ଯାତ୍ରା କରିଛନ୍ତି। ତାଙ୍କୁ ଦାରିଙ୍ଗବାଡ଼ି ଅଞ୍ଚଳବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଦାରିଙ୍ଗବାଡ଼ିରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିବା ବେଳେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦିଲ୍ଲୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା କହିଛନ୍ତି।

## ସାହିତ୍ୟଆଲୋଚନାଚକ୍ର, କବିତା ପାଠୋତ୍ସବ

ବୁଗୁଡ଼ା,୨୮।୧୦(କାଳିଚରଣ ଦାଶ)

ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାକ୍ତ ପକ୍ଷରୁ ବୁଦ୍ଧଖୋଲ ପାଦଦେଶରେ ଏକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାକ୍ତର ଅଧ୍ୟକ୍ଷ ଗିରି ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ହିମାଂଶୁଶେଖର ରଥ, ମୁରଲୀଧର ନନ୍ଦ, ପଦ୍ମଚରଣ ପ୍ରଧାନ, ବଂଶୀଧର ନାୟକ ଓ ଡ. ବ୍ରଜକିଶୋର ପାଢ଼ୀ ପ୍ରମୁଖ ଆଲୋଚକ ରୂପେ ଯୋଗ ଦେଇ ମୋବାଇଲର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ଭାଗରେ ଏକ କବିତା ପାଠ ଉତ୍ସବ ରଘୁନାଥ ସାହୁ ବ୍ରଜକିଶୋର ପାଢ଼ୀ, ପ୍ରଶାନ୍ତ ନନ୍ଦ, ବିଭୂତି ଭୂଷଣ ମିଶ୍ର ଓ ରାଇରଞ୍ଜନ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସୁରେଶ ଚନ୍ଦ୍ର ଦାଶ, ପ୍ରସନ୍ନ କୁମାର ଦାଶ, ବୈଷ୍ଣବ ଚରଣ ଦାଶ, ସୁରେଶ ଚନ୍ଦ୍ର ପାଢ଼ୀ, ଅନନ୍ତ କର, ଗାନ୍ଧୀ ପ୍ରଧାନ, କାର୍ତ୍ତିକେଶ୍ୱର ପାତ୍ର, ଗୌରୀଶଙ୍କର ମିଶ୍ର, ରାମଚନ୍ଦ୍ର ସାହୁ ପ୍ରମୁଖ ୨୫ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

## କୃଷି ଉତ୍ପାଦକ ଗୋଷ୍ଠୀକୁ ନେଇ ୩ ଦିନିଆ ତାଲିମ

ଫୁଲବାଣୀ/ଫିରିଙ୍ଗିଆ ୨୮।୧୦ (ରାକେଶ କୁମାର ରାଉତ/ବିକ୍ରମ ଦିଗାଲ)

କନ୍ଧମାଳ କୃଷି ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ତରଫରୁ ଏକ ତିନିଦିନିଆ (ବିଜିନେସ ଡେଭଲେପମେଣ୍ଟ ପ୍ଲାନ) ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ବନ୍ଧଗଡ ତାଲିମ କେନ୍ଦ୍ରଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମନ୍ୱିତ କୃଷି ଓ ମାଣ୍ଡିଆ କାର୍ଯ୍ୟକ୍ରମର ୫୦ରୁ ଉର୍ଦ୍ଧ୍ୱ କୃଷି ଉତ୍ପାଦକ ସଙ୍ଗଠନର ଟିକାବାଲି ଓ ରାଇକିଆ ବ୍ଲକର ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତ ଯୋଗ ଦେଇ ଆଗକୁ ବଢ଼ିବାକୁ ହେଲେ ଦିବା ସ୍ୱପ୍ନ ଦେଖିବା ସହ ସାକାର ପାଇଁ ମହିଳା ଓ ପୁରୁଷ ଉଭୟ ମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ଉଦ୍‌ଘାଟନ ଉତ୍ସବରେ ବରି କର୍ମୀ ଗିରିଶ ଚନ୍ଦ୍ର ସାମଲ ଯୋଗଦେଇ ରାଇକିଆ ବ୍ଲକରେ ମାଣ୍ଡିଆ ଚାଷକୁ ଆଦୃତ କରିବାରେ ଅନୁଷ୍ଠାନର ଭୂମିକାକୁ


ତାଲିମ ଗ୍ରହଣ କରୁଥିବା ମହିଳା।

ଉପସ୍ଥାପନା କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତାଲିମ୍‌ଦାତା ଭାବେ ଆନ୍ତର୍ଜାତୀୟ ଶ୍ରମ ଅନୁଷ୍ଠାନ ତରଫରୁ ନିହାର ରଞ୍ଜନ ଓଝା ଓ ମନୋଜ କୁମାର ପଟ୍ଟନାୟକ ତିନିଦିନିଆ ତାଲିମ ମାଧ୍ୟମରେ କୃଷି ଉତ୍ପାଦନ ଗୋଷ୍ଠୀ ଓ ସ୍ୱୟଂସହାୟକ ଦଳର ମହିଳାମାନଙ୍କୁ ବ୍ୟବସାୟ କରିବାର ବିଭିନ୍ନ ଉପାୟ ଓ ସରକାରଙ୍କ ସୁବିଧା ସୁଯୋଗକୁ ଯୋଡିବାକୁ ଚେଷ୍ଟା କରିଥିଲେ। ଉଦ୍‌ଯାପନ ଦିବସରେ ଅନୁଷ୍ଠାନ ତରଫରୁ ସୁସ୍ମିତା ଜେନା ଉପସ୍ଥିତ ରହିଥିବା ବେଳେ ବିଶ୍ୱରଞ୍ଜନ କର ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁସ ସାନସେଠ, ନିକୁଞ୍ଜ ପ୍ରଧାନ, ଅନନ୍ତ ମଲ୍ଲିକ, ସଞ୍ଜୟ ରଣା, ଗଙ୍ଗାଧର ନାୟକ, ମନୋଜ ନାୟକ ଓ କୃତିବାସ ପ୍ରଧାନ ସହଯୋଗ କରିଥିଲେ।

## ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା ଘଟଣା
# ୪ କୋର୍ଟ ଚାଲାଣ, ସୁଧାର ଗୃହକୁ ଗଲେ ନାବାଳକ

ଶେରଗଡ,୨୮।୧୦(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଲାଞ୍ଜିଆପଲ୍ଲୀ ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହତ୍ୟା କରିବା ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ସୁଧାର ଗୃହକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ସୁରେନ୍ଦ୍ର ଭୂୟାଁ, ବାୟା ଭୂୟାଁ, ପପୁନ ଭୂୟାଁ, ଜୟସେନ ଗୌଡ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆସିକା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ହତ୍ୟାକାଣ୍ଡରେ ଜଣେ ନାବାଳକ ସାମିଲ ଥିବାରୁ ତାଙ୍କୁ ବ୍ରହ୍ମପୁର ସୁଧାର ଗୃହକୁ ପଠାଇ ଦିଆଯାଇଛି। ହତ୍ୟାର ଶିକାର ହୋଇଥିବା ମଙ୍ଗଳା ଭୂୟାଁ, ବାୟା, ପପୁନ, ଜୟସେନ ସାଙ୍ଗ ଥିଲେ। ଦଶହରା ଦିନ କିଛି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତାର ତିନି ଦିନ ପରେ ମଙ୍ଗଳା ନିଜ ବାଇକ ଯୋଗେ ନିଜ ଗ୍ରାମରେ ବୁଲୁଥିବା ବେଳେ ତାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବା ପରେ ତାର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲେ ବୋଲି ଥାନା ଅଧିକାରୀ ବରେନ୍ଦ୍ର ସିଆଳ କହିଛନ୍ତି।

## ୩ ଚୋରଙ୍କୁ ପୋଲିସରେ ଦେଲେ ଲୋକେ

ପୁରୁଷୋତ୍ତମପୁର,୨୮।୧୦ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଅଞ୍ଚଳରେ ଦୀର୍ଘ ଦିନହେଲା ଟ୍ରକ, ବସ ଗୁଡ଼ିକରୁ ଡିଜେଲ ଚୋରି କରିବା ବେଳେ ୩ ଜଣିଆ ଚୋର ଗ୍ୟାଙ୍ଗକୁ ଶୁକ୍ରବାର ବିଳମ୍ବିତ ରାତିରେ ଲୋକେ ଧରି ପୋଲିସରେ ଜିମା ଦେଇଛନ୍ତି। ଏହାସହ ସେମାନେ ଧରି ଆସିଥିବା ଏକ ବ୍ୟାରେଲ ଓ ବାଇକ (ନଂ ଓଡି ୦୭ ଏଜେ ୭୦୨୯) କୁ ମଧ୍ୟ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତମାନେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ପର୍ଶୁ ନାୟକ, ଉତ୍ତମ ନାହାକ ଓ ଶୁଶାନ୍ତ ନାହାକ। ଟ୍ରକ ମାଲିକ ସୁଶାନ୍ତ କୁମାର ଦଳେଇଙ୍କ ଅଭିଯୋଗ କ୍ରମେ ତାଙ୍କ ଗାଡିରୁ ଦୀର୍ଘ ଏକମାସହେଲା ଡିଜେଲ ଚୋରି ହେଉଥିଲା। ଏଥିପାଇଁ ସେ ଚୋରଙ୍କୁ ଧରିବା ଲାଗି ଜଗି ରହିଥିଲେ। ଶୁକ୍ରବାର ରାତିରେ ଭୂତସରସିଙ୍ଗିଠାରେ ତାଙ୍କର ଟ୍ରକ୍ (ନଂ ଓଡି ୦୭ ଏଏ ୩୨୭୭) ଥିବାବେଳେ ସେଥିରୁ ଚୋରମାନେ ଡିଜେଲ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଥିଲେ। ଏପରିକି ଗତ ୨୪ ତାରିଖରେ ମଧ୍ୟ ତାଙ୍କ ଗାଡି ପୁରୁଷୋତ୍ତମପୁରଠାରେ ଥିବାବେଳେ ସେଥିରୁ ଡିଜେଲ ଚୋରି ହୋଇଛି। ଏହି ଘଟଣା ଏନ୍ଏସି ପକ୍ଷରୁ ଲଗାଯାଇଥିବା ସିସିକେମେରାରେ କଏଦ ହୋଇଛି। ଏ ନେଇ ପୋଲିସ ନଂ.୭୮୦/୨୩ରେ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିବା ସହ ବାଇକ ଓ ବେରଲକୁ ଜବତ କରିଛି।

## ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ


ଉପସ୍ଥିତ ଅଧିକାରୀ।

ମୋହନା,୨୮।୧୦(ମନ୍ମଥ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକାରେ ନାମ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗଜପତି ଜିଲା ମୋହନା ପଞ୍ଚାୟତ ସମିତି ପକ୍ଷରୁ ଭୋଟର୍ ତାଲିକା ପ୍ରକାଶ ପାଇଥିବା ବେଳେ ଶନିବାର ବ୍ଲକ ସ୍ତରୀୟ ବୁଥ ଅଧିକାରୀମାନେ ବ୍ଲକ୍ କାର୍ଯ୍ୟାଳୟରୁ ଭୋଟର ତାଲିକା ନେଇ ନିଜ ନିଜ ବୁଥ ଗୁଡିକରେ ମାରିଛନ୍ତି। ମୋହନା ବ୍ଲକରେ ସମୁଦାୟ ୧୨୦ ବୁଥ ଥିବା ବେଳେ ୧୨ଜଣ ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ନିଯୁକ୍ତି କରାଯାଇଛି। ସେଥିପାଇଁ ୧୨ ସୁପରଭାଇଜର ମାନଙ୍କୁ ମଧ୍ୟ ନିଯୁକ୍ତି କରାଯାଇଛି। ଗତ ବର୍ଷ ମୋହନା ବ୍ଲକରେ ୯୦ ହଜାର ୧୫୩ ଜଣଙ୍କ ନାମ ପ୍ରକାଶ ପାଇଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସରକାରଙ୍କ ପକ୍ଷରୁ ଏହା ଡ୍ରାପ୍ ତାଲିକା ପ୍ରକାଶ ପାଇଛି। ସେଥିରେ ଭୋଟମାନଙ୍କ ନାମ ସଂଶୋଧନ, ବାଦ୍ ପଡ଼ିଥିବା ଭୋଟର ମାନଙ୍କ ନାମ ତାଲିକାରେ ପଞ୍ଜିକରଣ କରିବା ଓ ୧୮ ବର୍ଷ ନୂଆ ଭୋଟର ମାନଙ୍କ ନାମ ପଞ୍ଜିକରଣ ପରେ ଚୁଡାନ୍ତ ତାଲିକା ପକାଶ ପାଇବ ବୋଲି ମୋହନା ସମ୍ପ୍ରସାରଣ ଅଧିକାରୀ ରବି ପାତ୍ର ସୂଚନା ଦେଇଛନ୍ତି।

# ସୁଡ୍ରା ପଞ୍ଚାୟତରେ ପାଣି ସମସ୍ୟା

ବାଲିଗୁଡା,୨୮।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ବ୍ଲକ ସୁଡ୍ରା ପଞ୍ଚାୟତରେ ବର୍ତ୍ତମାନ କିଛି ଦିନ ହେଲା ପିଇବାପାଣି ସମସ୍ୟା ଦେଖାଦେଇଛି। ଏହି ପଞ୍ଚାୟତଟି ବାଲିଗୁଡ଼ାର ପୂର୍ବତନ କଂଗ୍ରେସ ସମର୍ଥିତ ବିଧାୟକ ସ୍ୱର୍ଗତ ସାହୁରା ମଳିକଙ୍କ ନିଜ ଗ୍ରାମ ପଞ୍ଚାୟତ। ୧୬ ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ଆଠ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଜଙ୍ଗଲ ପାହାଡ ଭରା ଏହି ପଞ୍ଚାୟତରେ ସୁଡ୍ରା, ଗଦରପଡା, ଆମ୍ବାବାଡ଼ି, ଜାର୍ଗୀ, ଗଟାଙ୍ଗି, ଟିକରପାଜୁ, ପଲାମୀ, ସନପଡା, ମାସ୍କାପଡି ଭଳି ବହୁ ଛୋଟବଡ ଗାଁ ରହିଛି। ରାଜ୍ୟ ସରକାର ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଏହି ଗ୍ରାମ ଗୁଡିକରେ କୂପ ଗୁଡିକ ଅଚଳ ହୋଇ ରହିଥିବା ବେଳେ ହାତ ଗଣତି କେଇଟା ନଳକୂପ ରହିଛି। ଆଜିକୁ ପ୍ରାୟ କୋଡିଏ ଦିନରୁ ଉର୍ଦ୍ଧ୍ୱ ହେବ ଗ୍ରାମ୍ୟ ଜଳ ଯୋଗଣ ବିଭାଗ ପକ୍ଷରୁ ଘରକୁ ଘର


ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

ବିଶୁଦ୍ଧ ପାଣି ବ୍ୟବସ୍ଥା ବନ୍ଦ ଥିବାରୁ ସୁଡ୍ରା ପଞ୍ଚାୟତ ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ପାଣି ଟୋପାଏ ପାଇଁ ନିଜ ନିଜ ଘର ଠାରୁ ବହୁ ଦୂରରେ ଥିବା ନଳକୂପରୁ ଆସୁଥିବା ପାଣି ଆଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ତାହା ପୁଣି ଗୋଟିଏ ନଳକୂପରେ ପାଣି ନେବା ପାଇଁ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଏପଟେ ପଞ୍ଚାୟତର ସରପଞ୍ଚ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରୁନଥିବା ବିଷୟ ସୁଡ୍ରା ଗ୍ରାମର ମଞ୍ଜିଆ ଗୌଡ଼ ଓ ମାସ୍କାପଡି ଗ୍ରାମର ପ୍ରମିଳା ମଲିକଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଶିବ ପ୍ରସାଦ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ, ପାଣି ମେଶିନ ପାଖରେ ସାମାନ୍ୟ ତ୍ରୁଟି ରହିଛି, ତାକୁ ତୁରନ୍ତ ସଜାଡି ପୂର୍ବ ଭଳି ନିୟମିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ।

# ଦିଗପହଣ୍ଡି ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ଦିଗପହଣ୍ଡି,୨୮।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଶନିବାର ଭୋରରେ ଉଦ୍‌ଯାପିତ ହୋଇଯାଇଛି। ମା' ବୁଢ଼ୀ ଠାକୁରାଣୀ ଶୁକ୍ରବାର ରାତିରେ ଜନତା ଲେନ, ରାଣୀ ସାହି, ଅକନନ୍ଦ ନଗର, ବସଷ୍ଟାଣ୍ଡ ପରିକ୍ରମା କରି ଯାତ୍ରା ପୀଠକୁ ଫେରିଥିଲେ। ଯାତ୍ରାର ଉଦ୍‌ଯାପନୀ ଦିବସ ଉପଲକ୍ଷେ ଟିକିଟି କେଲୁଆ ନିକଟ ନାରାୟଣପୁର ଗ୍ରାମର ପୌରାଣିକ ନାଟକ ରାମାୟଣ ଏବଂ ଖାରିଆଗୁଡ଼ା ଗ୍ରାମ ନିକଟ ବାଉଳିଆ ଗ୍ରାମର ରାମାୟଣ ନାଟକ ମଧ୍ୟରେ ପ୍ରତିଯୋଗିତା ମୂଳକ ବାଦି ଥିଏଟର ପରିବେଷଣରେ ଯାତ୍ରା ପୀଠ ଦୁଲୁକି ଉଠିଥିଲା। ନିଶାର୍ଦ୍ଧରେ ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଯାତ୍ରା ପୀଠରେ ହୋମ ଯଜ୍ଞ କରାଯାଇ ମା'ଙ୍କୁ ଆବାହନ କରାଯାଇଥିଲା। ମା' ବୁଢ଼ୀ ଠାକୁରାଣୀଙ୍କ ଆଜ୍ଞାମାଳ ପରେ ପାର୍ଶ୍ୱ ଘଟଧାରି


ଶୋଭାଯାତ୍ରାରେ ଯାଉଛନ୍ତି ମା' ବୁଢ଼ୀ ଠାକୁରାଣୀ।

ମହିଳାମାନେ ମା'ଙ୍କ ଅନୁମତି ନେଇ ମୂଳ ମନ୍ଦିରକୁ ଯିବା ଲାଗି ଘଟ ଉଠାଇଥିଲେ। ମୁଖ୍ୟଘଟକୁ ଶୋଭାଯାତ୍ରାର ସମ୍ମୁଖ ଭାଗରେ ରଖାଯିବା ପରେ ମା' ଙ୍କ ବିଦାୟ ଯାତ୍ରା ଆରମ୍ଭ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ମା'ଙ୍କ ବାହୁଡ଼ା ଯାତ୍ରାରେ ନିଜକୁ ସାମିଲ କରି ଫଗୁ ରଙ୍ଗ ଖେଳିବା ସହ ବର୍ଷକ ପାଇଁ ମା'ଙ୍କୁ ମେଲାଣି ଦେଇଥିଲେ। ଯାତ୍ରା କମିଟି ସଭାପତି ବିକାଶ କୁମାର ପଶୁପାଳକ, ଉପ ସଭାପତି ଏ. ସାକିଲୀ, ସମ୍ପାଦକ ନୀଳ ମାଧବ ଗୌଡ଼, ସହ ସମ୍ପାଦକ ଆଶିଷ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ହିମାଂଶୁ କୁମାର ପାଣିଗ୍ରାହୀ, ସହ କୋଷାଧ୍ୟକ୍ଷ କେ.ରାଜେନ୍ଦ୍ର, ଉପଦେଷ୍ଟା ଏ.ଗୋବିନ୍ଦ, ପ୍ରଦୀପ କୁମାର ପଣ୍ଡା, ବିଚିତ୍ରାନନ୍ଦ ପଟ୍ଟନାୟକ, ଶିବ ଶଙ୍କର ମହାକୁଡ଼, କେ.କୁନା, ରବୀନ୍ଦ୍ର ମାର୍ଥା, ଦୁର୍ଗା ପ୍ରସାଦ ମେକାପ ଓ ଯାତ୍ରା କମିଟି ସଭ୍ୟ ବୃନ୍ଦ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। ଆତସବାଜି ରୋଷଣୀ ଏବଂ ନୃତ୍ୟ ଗୀତ ବାଦ୍ୟ ବାଜଣା ମଧ୍ୟରେ ମା' ବୁଢ଼ୀ ଠାକୁରାଣୀ ଝୁଲି ଝୁଲି ଅସ୍ଥାୟୀ ଯାତ୍ରା ପୀଠରୁ ଠାକୁରାଣୀ ମନ୍ଦିରରେ ପ୍ରବେଶ କରିଥିଲେ। ସେଠାରେ ସେବାୟତ(ଜାନି) ସମ୍ପ୍ରଦାୟ ପକ୍ଷରୁ ମନ୍ଦିର ପୀଠକୁ ଶୋଧନ କରାଯାଇ ହୋମ ଯଜ୍ଞ କରାଯାଇଥିଲା। ପରେ ମା' ଘଟ ତ୍ୟାଗ କରି ପୀଠକୁ ଗମନ କରିଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କ ସେବାୟତ (ଜାନି) ଆଦିତ୍ୟ ପାତ୍ର, ଲିଙ୍ଗରାଜ ପାତ୍ର, ଶମ୍ଭୁ ନାଥ ପାତ୍ର, ସୋମନାଥ ପାତ୍ର, ତାରିଣୀ ପାତ୍ର, ପ୍ରଫୁଲ୍ଲ ପାତ୍ର, ସନ୍ତୋଷ ପାତ୍ର ମନ୍ଦିର ମଧ୍ୟରେ ସେବା ପୂଜା ଓ ନୀତିକାନ୍ତି ତଦାରଖ କରିଥିଲେ।

## ସଂକ୍ଷେପରେ

### ୨୬୫ ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଭ୍ରାମ୍ୟମାଣ ଅବକାରୀ ବିଭାଗର ଚଢ଼ାଉ**

ରୂପସା, ୨୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବସ୍ତା ଥାନା ଅଧୀନ ମାଛିଆଠାରେ ଅଚାନକ ଚଢାଉ କରାଯାଇଛି। ସେଠାରେ ବ୍ରାଉନସୁଗାର କାରବାର କରୁଥିବା ଜଣେ ଯୁବକଙ୍କୁ ବେଳେ ଅବକାରୀ ଟିମ୍ ଗିରଫ କରିଛି। ଗିରଫ ଯୁବକ ହେଲେ ଏହି ଥାନା ଅଧୀନ ସଦାନନ୍ଦପୁର ଗ୍ରାମର ଅଲିମ ଖାନ୍‌ଙ୍କ ୨୬ବର୍ଷର ପୁଅ ମହସିନ କାଦ୍ରୀ। ତାଙ୍କଠାରୁ ୨୬୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨୬ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ ଯୁବକଙ୍କ ବାପା ବସ୍ତା ଥାନାରେ ଗ୍ରାମରକ୍ଷୀ ଭାବେ ଚାକିରୀ କରନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୨୬/୨୩-୨୪) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମାଛିଆ ପରିବା ମାର୍କେଟ ନିକଟରେ ଯୁବକଜଣକ ବ୍ରାଉନସୁଗାର ବିକ୍ରି କରୁଥିବା ଅବକାରୀ ବିଭାଗ ନିକଟରେ ଖବର ଥିଲା। ଆଇଆଇସି ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଏସ୍‌ଆଇ ଭକ୍ତଚରଣ ସ୍ୱାଇଁ, ଏଏସ୍‌ଆଇ ମଙ୍ଗଳ ସିଂ, କନଷ୍ଟେବଲ ଶଶିକାନ୍ତ ସାହୁ, ବିଦ୍ୟାଧର ବିନ୍ଧାଣି, ଅନୀଲ କୁମାର ପଣ୍ଡା ଓ ମିଥୁନ ମୁର୍ମୁ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତ ବେପାରୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ତାଙ୍କଠାରୁ ବିପୁଳ ପରିମାଣରେ ବ୍ରାଉନ ସୁଗାର ଜବତ ହୋଇଛି।

### ଚୋରି ର୍‍ୟାକେଟ ଠାବ, ୬ ଗିରଫ

ଚାନ୍ଦବାଲି, ୨୮।୧୦(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ଧାମରା ପୋଲିସ ଶୁକ୍ରବାର ଏକ ଚୋରି ରାକେଟ୍‌କୁ ଠାବ କରିଛି। ବିଗତ ଦିନରେ ଧାମରାଇ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ସୁନା ଚୋରି, ସ୍ଥାନୀୟ ଅଞ୍ଚଳରେ ଏଟିଏମ୍‌ରୁ ଲୁଟ୍ ସହ ଧାମରା ବିଦ୍ୟାଳୟରୁ ଏକ ଏଲ୍‌ଇଡି ଟିଭି, ବାଣିଜ୍ୟ ବିଭାଗର ଲଞ୍ଚ୍‌ରୁ ବ୍ୟାଟେରି ଚୋରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଗୁରୁବାର ଏହି ରାକେଟ୍ ଚନ୍ଦନୀପାଳର ଏକ ବୋଟ୍‌ରୁ ବ୍ୟାଟେରି ଚୋରି କରିବାକୁ ଯାଇଥିବା ପୋଲିସ ଖବର ପାଇଥିଲା। ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଧାମରା ଅଞ୍ଚଳର ୬ଜଣଙ୍କୁ କାବୁ କରିବା ସହ ବହୁ ଚୋରା ସାମଗ୍ରୀ ଜବତ କରିଥିଲା। ଚୋରା ସାମଗ୍ରୀ କିଣିଥିବା ଲୋକଙ୍କୁ ମଧ ଥାନାରେ ଅଟକ ରଖାଯାଇଥିଲା। ୬ ଜଣଙ୍କୁ ଗିରଫ ପରେ ଶନିବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ ପରିଡ଼ା, ମଙ୍ଗରାଜ ସାମଲ, ଅମନ ମାଇତି, ସନ୍ତୋଷ ତରାଇ, ଦିପୁ ମଣ୍ଡଳ ଓ ପପୁ ମାଇତି।

# ଡମ୍ପ ମାଟି ଧସି ଗ୍ରାମବାସୀ ନୟାନ୍ତ

ଯାଜପୁର, ୨୮।୧୦(ହର୍ଷବର୍ଦ୍ଧନ ବେହେରା)



କୋଳିପଶି ହାଟ।

**■ ପୋତି ହେଉଛି କୋଳିପଶି ହାଟ**

**■ ବିକାଶ କାର୍ଯ୍ୟରେ ପିସି କାରବାର ଅଭିଯୋଗ**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଓଡ଼ିଶା ଖଣି ନିଗମ(ଓଏମସି) ଦକ୍ଷିଣ କାଳିଆପାଣି ଖଣିର ଡମ୍ପ ଧସିବା ଯୋଗୁ ଆଖପାଖ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାରେ ରୁନ୍ଧି ହେଉଛନ୍ତି। ଏନେଇ ପ୍ରଭାବିତ ଗ୍ରାମବାସୀ ପୂର୍ବରୁ ଜିଲା ପ୍ରଶାସନ ଏବଂ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହିକ୍ରମରେ ଏନ୍‌ଏଚ୍‌ଆର୍‌ସି ୧୭୩୦/୧୮/୨୪/୨୦୨୦ରେ ଏକ ମାମଲା ରୁଜୁ କରି ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କିଛି ବର୍ଷ ଓଏମ୍‌ସି ଡମ୍ପ ପରିଚାଳନାରେ ସତର୍କତା ଅବଲମ୍ବନ କରିଥିଲେ। ଏବେ ପୁଣି ଡମ୍ପରୁ ବୋହୁଥିବା ବିଷାକ୍ତ ମାଟି ଓ ପାଣି ହାଟସାହି, ଗୁରୁଜଙ୍ଗପାଳ, ଓସ୍ତିଆ, କାଳିଆପାଣି, ଚିରିଗୁଣିଆ, ରଙ୍ଗମାଟିଆ, ବରୁଆବିଲ, ବେଣାଗାଡିଆ, କଲରଙ୍ଗୀ, ବରଗଜି, ଓଡ଼ିଶ ଗ୍ରାମର ପ୍ରାୟ ୫ ହଜାର ଗ୍ରାମବାସୀଙ୍କ ପାଇଁ କାଳ ସାଜିଛି। ଏ ସଂକ୍ରାନ୍ତରେ ଗ୍ରାମବାସୀ ଖଣି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ ବୋଲି ଅଭିଯୋଗ ହୋଇଛି। ଏହାସହ ଡମ୍ପର ମାଟି ଯୋଗୁ ୫୦ରୁ ଊର୍ଦ୍ଧ୍ୱ ବର୍ଷ ହେବ କୋଳିପଶି ହାଟ ପୋତି ହେବା ସହ ଖଣିର ବର୍ଜ୍ୟ ପାଣି ବୋହି ଦମଶାଳ ନାଳର ଜଳକୁ ଦୂଷିତ କରୁଛି। ଅନ୍ୟପକ୍ଷେ ପୂର୍ବ ଜନଶୁଣାଣୀ ଶିବିରରେ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉ ନ ଥିବାବେଳେ ବିକାଶମୂଳକ କାର୍ଯ୍ୟରେ ଓଏମ୍‌ସିର ଯାଜପୁର ରୋଡ ଆଞ୍ଚଳିକ କାର୍ଯ୍ୟାଳୟର କେତେକ ଅଧିକାରୀ ମିଶି ବ୍ୟାପକ ପିସି କାରବାର କରୁଥିବାରୁ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଖଣି ପ୍ରଭାବିତ ଲୋକଙ୍କ ଦୁଃଖ ସାଙ୍ଗକୁ ଓଏମ୍‌ସି ଯାଜପୁର ରୋଡ ଆଞ୍ଚଳିକ କାର୍ଯ୍ୟାଳୟର କର୍ତ୍ତୃପକ୍ଷ ଓ ଖଣି ସହ ସମ୍ପୃକ୍ତ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅସହଯୋଗ ଯୋଗୁ ଉପରୋକ୍ତ ପ୍ରଭାବିତ ଗ୍ରାମବାସୀଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ବିସ୍ଥାପିତଙ୍କ ଦୁଃଖ ଲାଘବ ପାଇଁ ଖଣି କର୍ତ୍ତୃପକ୍ଷ ନା ପ୍ରଶାସନ କେହି ହେଲେ ବି ଆନ୍ତରିକତା ଦେଖାଉ ନାହାନ୍ତି। ଏହାର ପ୍ରତିବାଦ କଲେ ଆନ୍ଦୋଳନକାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ କର୍ତ୍ତୃପକ୍ଷଙ୍କ ନାଲିଆଖି ଦେଖିବାକୁ ମିଳୁଛି। ଦୀର୍ଘବର୍ଷ ହେଲା ଓଏମ୍‌ସି ଡମ୍ପ ନିକଟରେ ଲୋକେ ଘରକରି ରହି ଆସୁଛନ୍ତି। ଗ୍ରାମର ଜମି ବାବଦକୁ ସରକାରଙ୍କ ରାଜସ୍ୱ ବିଭାଗକୁ ଖଜଣା ଦେଇ ଆସୁଛନ୍ତି। ଏଥିସହ ସରକାରୀ ସୁବିଧା ପାଇଖାନା ଘର, ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା ପରି ଅନେକ ସୁବିଧା ପାଉଛନ୍ତି। ବର୍ତ୍ତମାନ ଓଏମ୍‌ସି ଡମ୍ପ ଗ୍ରାମ ପଟକୁ ବେଆଇନ ଭାବେ ବଢାଇ ଚାଲିଛି ଏବଂ ଡି-କ୍ୱାରୀ ଖନନ ସହ ବ୍ଲାଷ୍ଟିଂ କରିଚାଲିଛି। ଖରା ଦିନେ ଡମ୍ପରୁ ଅତ୍ୟଧିକ ଧୂଳି ଉଡି ହାଟସାହି ଏବଂ ଅନ୍ୟାନ୍ୟ ଗ୍ରାମ ଲୋକଙ୍କୁ ଅଣନିଃଶ୍ୱାସୀ କରୁଛି। ଫଳରେ ଗ୍ରାମବାସୀ ଶ୍ୱାସ, କାଶ, ଥଣ୍ଡା, ଜ୍ୱର, ଯକ୍ଷ୍ମା ଓ ଚର୍ମ ଆଦି ରୋଗରେ ଆକ୍ରାନ୍ତ ହେଉଥିବା ମତପ୍ରକାଶ ପାଇଛି। ବର୍ଷା ଦିନେ ଡମ୍ପରୁ ନିର୍ଗତ ନିକେଲମିଶା ପାଣି ଗ୍ରାମ ଭିତରକୁ ପ୍ରବେଶ କରୁଛି। ଏଭଳିସ୍ଥିତିରେ ଖଣି ଓ ଡମ୍ପ ସମ୍ପ୍ରସାରଣ କାମ ଜାରି ରହିଲେ ଗ୍ରାମବାସୀ ବାସ ହରାଇବା ସହ ନିଜ ମାଟିରେ ଯାଯାବର ହୋଇଯିବେ ବୋଲି କହିଛନ୍ତି। ଏନେଇ ଅଭିଯୋଗ କଲେ ଠିକାସଂସ୍ଥା ଅଧୀନରେ କାମ କରୁଥିବା କେତେକ ଠିକା ଶ୍ରମିକଙ୍କୁ ନିଯୁକ୍ତି ହରାଇବାକୁ ପଡିବ ବୋଲି ଧମକ ମିଳୁଛି। ଏହାବାଦ୍ ଖଣି ପରିସରରୁ ନିର୍ଗତ ବର୍ଷା ପାଣି ଡମଶାଳା ନାଳକୁ ଦୂଷିତ କରୁଛି। ଫଳରେ ଏହି ନାଳ ପାଣି ଉପରେ ନିର୍ଭର କରୁଥିବା ଉପରୋକ୍ତ ଗ୍ରାମବାସୀ ନାନା ଜଳବାହିତ ରୋଗରେ ପୀଡ଼ିତ ହୋଇ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ବେଣାଗାଡ଼ିଆ ଗ୍ରାମର ବେଣୁଧର ମହନ୍ତ କୁହନ୍ତି, ଓଏମ୍‌ସି ଖଣିର ବିଷାକ୍ତ ପାଣି ଦ୍ୱାରା ଅନେକ ଲୋକ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଖଣି ପାଣିକୁ ଉପଚାର କରି ଡମଶାଳା ନାଳକୁ ଛାଡିବାର ଆବଶ୍ୟକତା ରହିଛି। ଏବେ ଓଏମ୍‌ସି ପକ୍ଷରୁ ନିର୍ମାଣାଧୀନ ୧ କୋଟି ଟଙ୍କା ବ୍ୟୟର ମାର୍କେଟ କମ୍ପ୍ଲେକ୍ସ, ୪୫ କୋଟି ଟଙ୍କାର ଆଦର୍ଶ ବିଦ୍ୟାଳୟ, ୬ କୋଟି ଟଙ୍କାର କଲୋନୀ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ହେଲେ ଜଣେ ଠିକାଦାର ନିଜର ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏସବୁ କାମ ପାଇଁ ଓଏମ୍‌ସି ଯାଜପୁର ରୋଡ ଆଞ୍ଚଳିକ କାର୍ଯ୍ୟାଳୟର ଜଣେ ଅଧିକାରୀ ପିସି ନେଉଛନ୍ତି। ଫଳରେ ସେମାନେ ବାଧ ହୋଇ କାମର ମାନକୁ ଅଧିକ ଗୁରୁତ୍ୱ ଦେଉନାହାନ୍ତି। ଏ ସଂକ୍ରାନ୍ତରେ ଓଏମ୍‌ସି ଯାଜପୁର ରୋଡର ଆଞ୍ଚଳିକ ଅଧିକାରୀ ଆଶିଷ ସାମନ୍ତରାୟଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଶୁକ୍ରବାର ସନ୍ଧ୍ୟାରେ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

### ବୃଦ୍ଧଙ୍କୁ ଘରେ ପହଞ୍ଚାଇଲା ସ୍ୱେଚ୍ଛାସେବୀ ସଂଗଠନ



ପାଣିକୋଇଲି, ୨୮।୧୦(ବିକାଶ ମଲ୍ଲିକ):

ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇଛନ୍ତି। ଶୁକ୍ରବାର ସନ୍ଧ୍ୟା ୭ଟାରେ ସଂଗଠନର ସମ୍ପାଦକ ମେଘନାଦ ଜେନା ଯାଜପୁର ରୋଡ୍‌ରୁ ବାଇକରେ ପାଣିକୋଇଲି ଫେରୁଥିଲେ। ଏହି ସମୟରେ ୨୦ ନମ୍ବର ଜାତୀୟ ରାଜପଥର ନେମ ଆଣ୍ଡ ଫେମ ପବ୍ଲିକ ସ୍କୁଲ ସମ୍ମୁଖରେ କୋରେଇ ବ୍ଲକ୍ ସାଦକପୁର ପଞ୍ଚାୟତ ରଣସରପୁର ଗ୍ରାମର ନରେନ୍ଦ୍ର ପଣ୍ଡା(୭୦) ରାସ୍ତାରେ ଚାଲି ଚାଲି ଯାଉଥିବା ଦେଖିଥିଲେ। ତେଣୁ ମେଘନାଦ ଅଟକି ଯିବା ସହିତ ବୃଦ୍ଧ ବ୍ୟକ୍ତିଙ୍କୁ ଅଟକାଇ ସଂଗଠନର ଉପଦେଷ୍ଟା ଅଶୋକ କୁମାର ବଳ ଓ ତାରିଣୀ କୁମାର ପଟ୍ଟନାୟକଙ୍କୁ ଜଣାଇଥିଲେ। ପରେ ସମସ୍ତେ ସଦସ୍ୟ ପହଞ୍ଚି ବୃଦ୍ଧଙ୍କୁ ବାଇକ ଯୋଗେ ନେଇ ତାଙ୍କ ଘରେ ଛାଡ଼ିଥିଲେ। ବୃଦ୍ଧ ଜଣକ ଘରକୁ ବାଟ ନ ପାଇ ରାସ୍ତାରେ ବୁଲୁଥିଲେ।

## କଲଣରେ ଦଶହରା ବଳଦ ପ୍ରତିଯୋଗିତା



ପ୍ରତିଯୋଗିତାରେ ସାମିଲ ହେବାକୁ ଲୋକେ ଆଣିଥିବା ବଳଦ।

ରସୁଲପୁର, ୨୮।୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣଠାରେ ଦଶହରା ବଳଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ହେବ ଆୟୋଜିତ ହେଉଥିବା ଏହି ପ୍ରାଚୀନ ପ୍ରତିଯୋଗିତା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ହଜାରହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି ପ୍ରତିଯୋଗିତା ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିରଖିଛି। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ମା'ମଙ୍ଗଳା ଦଶହରା କମିଟି, ଥାନାପତି ଦଶହରା କମିଟି, ପ୍ରଧାନ ସାହି ଦଶହରା କମିଟି ଓ ପାଇକରାପୁର ଦଶହରା କମିଟି ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ବଳଦ ଭାଗ ନେଇଥିଲେ। ଗ୍ରାମର ମହିଳାମାନେ ବଳଦଙ୍କୁ ବନ୍ଦାପନା କରିବା ସହ ପୂଜା କରିଥିଲେ। ସେମାନଙ୍କ ସାଜସଜ୍ଜା, ଚାଲିକୁ ଦେଖି ବିଚାରପତି ସଞ୍ଜୀବ କୁମାର ସାହୁ, ଅଭୟ କୁମାର ଖୁଣ୍ଟିଆ ଓ ମନୋରଞ୍ଜନ ସାହୁ ପ୍ରମୁଖ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବଳଦଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତାରେ ଗ୍ରାମୀଣ ଏକତା ମଞ୍ଚର ସଭାପତି ଅଭିମନ୍ୟୁ ସାହୁ ଅନ୍ୟ ଅତିଥିଙ୍କ ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବଳଦଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ସେଠାରେ କୁନିକୁନି ପିଲାଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୨୬ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମଞ୍ଚ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କାଶୀନାଥ ସାହୁ, ରବୀନ୍ଦ୍ର ପାତ୍ର, ଶ୍ରୀଧର ବାରିକ, ବିଜୟ ଦେହୁରି, ପୁରୁଷୋତ୍ତମ ଖୁଣ୍ଟିଆ, କେଶବ ଖୁଣ୍ଟିଆ, ଚୈତନ୍ୟ ସାହୁ, ଅମର ବଲ୍ଲଭ ପଣ୍ଡା, ନିଗମାନନ୍ଦ ଖୁଣ୍ଟିଆ, ହିମାଂଶୁ ଶେଖର ଦାଶ, କୁଳମଣି ଓଝା ଓ ଭୁବବାନନ୍ଦ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

### ଅଶ୍ଲୀଳ ଭିଡିଓ ଭାଇରାଲ ମାମଲାରେ ଆଇନଜୀବୀ ଗିରଫ

ସିମୁଳିଆ, ୨୮।୧୦(ସନ୍ତୋଷ ନାୟକ)

ସିମୁଳିଆ ଥାନା ଖଇରା ବ୍ଲକ ଅଞ୍ଚଳର ଜଣେ ବିଧବାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଘଟଣାରେ ସିମୁଳିଆ ପୋଲିସ ଭଦ୍ରକ ଅଞ୍ଚଳର ଅନନ୍ତ ନାରାୟଣ ପଣ୍ଡା ନାମକ ଜଣେ ଆଇନଜୀବୀଙ୍କୁ ଗିରଫ କରିଛି। ଏନେଇ ମାମଲା (ନଂ. ୩୩୦/୨୩)ରୁଜୁ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ଜମିଜମା ମାମଲାରେ ଅନନ୍ତ ତାଙ୍କ ସମ୍ପର୍କରେ ଆସିଥିଲେ। ତେବେ ପରେ ତାଙ୍କ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ଯୋଗୁ ମହିଳାଙ୍କ ସାମାଜିକ ସ୍ଥିତି ବିଗିଡୁଥିବା ସେ ଅଭିଯୋଗ କରିଥିଲେ। ଏପରିକି ଆଇନଜୀବୀଙ୍କ ମୋବାଇଲ, କମ୍ପ୍ୟୁଟର ଜବତ କରିବା ପାଇଁ ମହିଳାଜଣଙ୍କ ପୋଲିସ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ଟଙ୍କା ନେଣଦେଣ ଘଟଣାକୁ କେନ୍ଦ୍ରକରି ମହିଳାଜଣଙ୍କ ତାଙ୍କ ନାମରେ ଅଭିଯୋଗ କରିଥିବା ଆଇନଜୀବୀ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ରାତିରେ ତାଙ୍କୁ ଭଦ୍ରକରୁ ଗିରଫ କରିଥିଲା। ଅପରପକ୍ଷେ ମହିଳାଜଣଙ୍କ ଅଶ୍ଳୀଳ ଭିଡିଓ ସମ୍ପର୍କରେ ଅଭିଯୋଗ କରିବା ସହିତ ଆଇନଜୀବୀ ଓ ମହିଳା ପରସ୍ପର ବିରୋଧରେ ଟଙ୍କା ନେଣଦେଣ ଅଭିଯୋଗ କରୁଥିବା ସିମୁଳିଆ ଥାନା ଅଧିକାରଣୀ ସ୍ୱର୍ଣ୍ଣଲତା ମିଞ୍ଜ ସୂଚନା ଦେଇଛନ୍ତି।

## ଯାତ୍ରା ମହୋତ୍ସବ ଉଦ୍‌ଯାପିତ



ଯାତ୍ରା ମହୋତ୍ସବ ସଭାରେ ଯୋଗଦେଇଥିବା ଅତିଥି।

ଛତିଆ, ୨୮।୧୦(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ପାଟଣା ଦେବୀ ମନ୍ଦିର ପରିସରରେ ଦୁର୍ଗାପୂଜା ଅବସରରେ ଜୟଦୁର୍ଗା ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକ୍ରମ ନାୟକ, ଓ ଭଜହରୀ ପୃଷ୍ଟିଙ୍କ ନିର୍ଦ୍ଦେଶନାରେ ଦକ୍ଷ କଳାକାରମାନଙ୍କ ଦ୍ୱାରା ଯାତ୍ରା ପରିବେଷଣ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ପ୍ରଥମ ରାତିରେ 'ସେଦିନ ର କଥା ମନେ ଅଛି ନା', ଦ୍ୱିତୀୟ ରାତିରେ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ନାଟକ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସମ୍ମାନିତ ଅତିଥିଭାବେ ଭାଜପା ନେତା ଅମର ନାୟକ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ବ୍ଲକ୍ ଆମ୍ୱା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ଅମର ମହାନ୍ତି, ଛତିଆ ସମିତିସଭ୍ୟ ଦୀପକ ସାହୁ, ସୋଲର ସମିତିସଭ୍ୟ ସଞ୍ଜୟ ବେହେରା ଓ ବିପିନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ବନ୍ତଲା ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟା ବନିତା ରାଉତ, ସାମାଜିକ କର୍ମୀ ତୁଷାରକାନ୍ତ ପଣ୍ଡା ଓ ରବୀନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଯାତ୍ରା ମହୋତ୍ସବକୁ ପାଟଣାର ଜୟ ମା'ଦୁର୍ଗା ଯୁବକ ସଂଘର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ରସୁଲପୁର, ୨୮।୧୦(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଗୋପାଳପୁର ପ୍ରଥମାଖଣ୍ଡିଠାରେ ମୂଳନିବାସୀ ୟୁନାଇଟେଡ୍ ଫୋରମ ତରଫରୁ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଫୋରମର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରି ଯୋଗଦେଇ ସାମାଜିକ ପରିବର୍ତ୍ତନ ଓ ସାମ୍ବିଧାନିକ ମୌଳିକ ଅଧିକାର ପାଇଁ ମୂଳନିବାସୀ ସମାଜ ଏକତ୍ର ହୋଇ ଜନ ସଚେତନତା କରିବା ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ। ରାଜ୍ୟରେ ଦଳିତ, ଆଦିବାସୀଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଉଛି। ତେଣୁ ଯୁବ, ଛାତ୍ର ସମାଜ ଆମ୍ବେଡକରଙ୍କ ଆଦର୍ଶ ଓ ସମ୍ବିଧାନ ପ୍ରତି ଗୁରୁତ୍ୱ ଦେବାକୁ ସେ ଆହ୍ୱାନ କରିଥିଲେ। ମନୋରଞ୍ଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ସମ୍ମାନିତ ଅତିଥିଭାବେ ରାଜସ୍ୱ କ୍ଷେତ୍ରାଧି ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ଜେନା, ଫୋରମର କାର୍ଯ୍ୟକାରୀ ଅଧ୍ୟକ୍ଷ ଗୌତମ ନାୟକ, ଉପସଭାପତି ସୁରେଶ ଚନ୍ଦ୍ର ନାୟକ, ସଂଖ୍ୟାଲଘୁ ସେଲ୍ ସଭାପତି ଏକବାଲ ହୁସେନ, ସରୋଜ କୁମାର ମଲ୍ଲିକ, ଆମ୍ବେଡକର ଫାଉଣ୍ଡେଶନ ସଭାପତି ସୁରେନ୍ଦ୍ର ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ରସୁଲପୁର ବ୍ଲକ ଯୁବ ସଭାପତି ମାନସ କୁମାର ମଲ୍ଲିକ, ଜିଲା ଯୁବ ସଭାପତି ପଙ୍କଜ ମଲ୍ଲିକ, କ୍ଷୀରୋଦ ଦାସ ଓ କ୍ଷେତ୍ରବାସୀ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଲାଙ୍ଗୁଡ଼ିରେ ଜାପାନ ପର୍ଯ୍ୟଟକ

କାଏମା, ୨୮।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଓ ପାଟପୁର ପଞ୍ଚାୟତ ମଧ ଭାଗରେ ଅବସ୍ଥିତ ଲାଙ୍ଗୁଡ଼ି ପାହାଡ଼। ଶନିବାର ସକାଳୁ ଜାପାନରୁ ଦଶଜଣିଆ ବୌଦ୍ଧ ଧର୍ମାବଲମ୍ବୀ ଆସି ଏହି ପାହାଡ଼ ପରିଦର୍ଶନ କରିଛନ୍ତି। ସେଥିମଧରେ ୬ ମହିଳା ଓ ୪ ପୁରୁଷ ରହିଛନ୍ତି। ଏହି ପର୍ଯ୍ୟଟନଙ୍କ ଆଗମନରେ ଲାଙ୍ଗୁଡ଼ି ପୁଷ୍ପଗିରି ପରିବେଶ ହସି ଉଠିଛି। ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସଭାପତି ଆଲୋକ ଜେନା ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ନୂତନ ଭାବେ ସୁସଜିତ ହେଉଥିବା ପୁଷ୍ପଗିରି ଲାଙ୍ଗୁଡ଼ିକୁ ସେମାନେ ବୁଲି ଦେଖିଥିଲେ। ଲାଙ୍ଗୁଡି ସୁରକ୍ଷା ମଞ୍ଚର ସଦସ୍ୟ ଅନିରୁଦ୍ଧ ମହାରଣା ଉପସ୍ଥିତ ରହି ସେମାନଙ୍କୁ ସହଯୋଗ କରିଥିଲେ। ସେମାନେ ମଞ୍ଚ ଅଫିସ ପରିଦର୍ଶନ କରି କାର୍ଯ୍ୟଶୈଳୀ ଓ ବ୍ୟବସ୍ଥାକୁ ପ୍ରଶଂସା କରି ଫେରିଯାଇଥିଲେ। ପୂର୍ବରୁ ବିପୁଳ ଟଙ୍କା ବ୍ୟୟରେ ଲାଙ୍ଗୁଡ଼ିର ପୁନରୁଦ୍ଧାର କାର୍ଯ୍ୟ ହୋଇଥିଲା। ମାତ୍ର ସୁରକ୍ଷା ବ୍ୟବସ୍ଥା କୋହଳ ଯୋଗୁ ତାହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ପର୍ଯ୍ୟଟକମାନଙ୍କୁ ହଇରାଣ ହରକତ ହେବାକୁ ପଡୁଥିଲା। ଯେଉଁଥି ପାଇଁ ପର୍ଯ୍ୟଟକ ଏଠାକୁ ଆସିବାକୁ ଭୟ କରୁଥିଲେ। ତେଣୁ ଏହାର ସୁରକ୍ଷା ନିମନ୍ତେ ସୁରକ୍ଷା ମଞ୍ଚ ଗଠନ କରାଯାଇଛି। ଏହି ଐତିହାସିକ ବୌଦ୍ଧ ପୀଠର ସୋନ୍ଦର୍ଯ୍ୟ ଖୁବଶୀଘ୍ର କଡ଼ ଲେଉଟାଇବ ଓ ପର୍ଯ୍ୟଟକଙ୍କୁ ପୂର୍ବଠାରୁ ଅଧିକ ଆକର୍ଷଣ କରିବ ବୋଲି ମଞ୍ଚ ସଭାପତି କହିଛନ୍ତି। ମଞ୍ଚର ଏପରି କାର୍ଯ୍ୟଶୈଳୀକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



ଲାଙ୍ଗୁଡ଼ି ପାହାଡ଼ ପରିଦର୍ଶନରେ ଆସିଥିବା ଜାପାନ ପର୍ଯ୍ୟଟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୯ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଦୋକାନ ଚାଳ କାଟି ୭୫ ହଜାର ଟଙ୍କା ଚୋରି



ରାଜନଗର,୨୮।୧୦(ଭାସ୍କର ରାଉତରାୟ)

ରାଜନଗର ବଜାର ଉପରେ ଥିବା ଏକ ଭେରାଇଟି ଷ୍ଟୋରର ଚାଳ କାଟି କେହି ୭୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ମୁତାବକ ରାଜନଗର ଗାଁର ବ୍ରଜ ସୁନ୍ଦର ସାହୁ ରାଜନଗରର ଟାଉନ୍ କ୍ଲବ ବଜାରରେ ଏକ ଭେରାଇଟି ଷ୍ଟୋର କରି ପରିବାର ପ୍ରତିପୋଷଣ କରନ୍ତି। ଶୁକ୍ରବାର ରାତି ୧୦ଟା ବେଳେ ଦୋକାନ ବନ୍ଦ କରି ଖାଇବାକୁ ଘରକୁ ଯାଇଥିଲେ। ତାଙ୍କ ବାପା ବ୍ରହ୍ମାନନ୍ଦ ସାହୁ ପ୍ରତିଦିନ ପରି ରାତି ପ୍ରାୟ ୧୦ଟା ୪୫ରେ ଦୋକାନକୁ ଶୋଇବାକୁ ଆସି ଦୋକାନର କବାଟ ଖୋଲିବା ପରେ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୋକାନ ପଛ ପଟୁ ନଡା ଛପର ଚାଳକୁ କାଟି କେହି ଦୋକାନରେ ପ୍ରବେଶ କରିବା ସହ ବାକ୍ସରେ ଥିବା ନଗଦ ୭୫ହଜାର ଟଙ୍କା ଲୁଟି ନେଇଛନ୍ତି। ଚୋର ଟଙ୍କା ନେଇଯିବା ବେଳେ କିଛି ୧୦ ଟଙ୍କିଆ ନୋଟ ଏଣେତେଣେ ପଡି ରହିଥିଲା । ଦୁର୍ଗାପୂଜା ପାଇଁ ସେ ବହୁ ସାମଗ୍ରୀ ବାକିରେ ଆଣିଥିଲେ। ମହାଜନ ଟଙ୍କା ଦେବା ପାଇଁ ସେ ୭୫ହଜାର ଟଙ୍କା ଦୋକାନରେ ରଖିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି ।

### ରାଧାରମଣ ମଠରେ ଅଖଣ୍ଡନାମ ସଂକୀର୍ତ୍ତନ

ପଟ୍ଟାମୁଣ୍ଡାଇ,୨୮।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ଆଧାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ଚାଲିଥିବା ଅଖଣ୍ଡ ନାମ ସଂକୀର୍ତ୍ତନର ୨୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣଜୀଉ, ଶ୍ରୀ ଜଗନ୍ନାଥ,ବଳଭଦ୍ର, ମା'ସୁଭଦ୍ରା,ଗୋପେଶ୍ୱର ମହାଦେବ ଓ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହିତ ଅହୋରାତ୍ର ନାମ ସଂକୀର୍ତ୍ତନରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପୂର୍ବତନ ଅଧକ୍ଷ ରବୀନ୍ଦ୍ର ମହାନ୍ତି, ଓକିଲ ସଂଘ ସଭାପତି ତପନ ମିଶ୍ର, ସାଧନାର ସ୍ୱରୂପ ସମ୍ପାଦକ ଦେବବ୍ରତ ଦେବତା, ନୀଳମଣି ଦାସ, ବିବେକାନନ୍ଦ ଦାସ, ଶୁକଦେବ ଦାସ, ଉପେନ୍ଦ୍ର ଦାସ, ପିତାମ୍ବର ଦାସ, ନବୀନ ଦାସ, ପ୍ରେମସ୍ୱରୂପ ଦାସ, ସାମାଜିକ କର୍ମୀ ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରସାଦ ସେବନ କରିଥିଲେ।

# ଡେରାବିଶରେ ୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା

## ଉତ୍ସବମୁଖର ଗାଁରୁ ବଜାର

ଡେରାବିଶ,୨୮।୧୦(ବେବର୍ତା ଅଜୟ ଦାସ)

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା କୁମାର ପୂର୍ଣ୍ଣମୀ ଅବସରରେ ଶନିବାର ଡେରାବିଶ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଛି । ଏଥିପାଇଁ ଗାଁ ଠାରୁ ବଜାର ଉତ୍ସବ ମୁଖର ହେବାରେ ଲାଗିଛି । ବ୍ଲକ୍ ଅଧୀନ ଜିଲାର ପ୍ରମୁଖ ଚାନ୍ଦୋଳ ବଜାର, ଛତା, ଓଲଡ଼ି, ନେତୁଆ, ଛୋଟି, ପଲି ରଘୁନାଥପୁର, ମନ୍ତ୍ରୀପଡ଼ା, ଫକୀରାବାଦ, ଠାକୁରହାଟ, ଠାକୁରପାଟଣା, ସାତବାଟିଆ, ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଚାନ୍ଦୋଳ କଲେଜ ଛକ, ଚଷାଖଣ୍ଡ, ଅର୍ତ୍ତାମୂଳ ଆଦି ୭୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଆରମ୍ଭ ହୋଇଛି ମା'ଙ୍କ ପୂଜା । ଚଳିତ ବର୍ଷ ପୂର୍ଣ୍ଣମୀରେ ଚନ୍ଦ୍ର ଗ୍ରହଣ ଲାଗୁଥିବାରୁ ଅପରାହ୍ନ ୪ଟା ଠାରୁ ଦେବନୀତି ନିଷେଧ ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପୂଜା ମଣ୍ଡପରେ ଶନିବାର ପୂର୍ବାହ୍ନରୁ ବିଭିନ୍ନ ନଦୀ ଓ ପୋଖରୀରେ ଘଟ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ମଣ୍ଡପରେ ସ୍ଥାପନ କରାଯାଇଛି । ପ୍ରତ୍ୟେକ ମଣ୍ଡପରେ ଅପରାହ୍ନ ୪ଟା ପୂର୍ବରୁ ପୂଜାର୍ଚ୍ଚନା ଶେଷ ହୋଇଥିବା ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି । ତେବେ ଚଳିତ ବର୍ଷ ବିଭିନ୍ନ ପୂଜା ମଣ୍ଡପରେ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଏହି ପୂଜାକୁ ବିଶେଷ ଆକର୍ଷିତ କରୁଛି । ମା'ଙ୍କ



ଡେରାବିଶ୍ ଚାନ୍ଦୋଳ ବଜାରରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

ପୂଜା ଗଣପର୍ବ ହୋଇଥିବାରୁ ବିଭିନ୍ନ ଗ୍ରାମରେ ପିଠାପଣାର ଆସର ଜମିଛି । କେତେକ ପୂଜା ମଣ୍ଡପରେ ୭ ରୁ ୯ ଦିନ ପୂଜା ପାଳିତ ହେବ ବୋଲି ସୂଚନା ମିଳିଛି। ପୋଲିସ ପ୍ରଶାସନ ପକ୍ଷରୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

# ସବୁଜ ତୋରଣ ସାଜିଛି ଆକର୍ଷଣ

ମହାକାଳପଡ଼ା,୨୮।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶନିବାର ଥିଲା କୁମାର ପୂର୍ଣ୍ଣମା । ବିଭିନ୍ନ ପୂଜାମଣ୍ଡପରେ ଧନଧାତ୍ରୀ ମା'ଗଜଲକ୍ଷ୍ମୀ ପୂଜା ପାଉଛନ୍ତି । ପୂଜାମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ କାରିଗରମାନେ ଥର୍ମାକୁଲ, ପ୍ଲାଷ୍ଟିକ, ପଲିଥିନ ଓ କପଡ଼ା ଆଦି ବ୍ୟବହାର କରୁଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତର ସ୍କୁଲଘେରି ପୂଜାମଣ୍ଡପରେ ସବୁଜ ତୋରଣ ଆକର୍ଷର କେନ୍ଦ୍ରବିନ୍ଦୁ ସାଜିଛି । ଏହି ତୋରଣରେ କୌଣସି କୃତ୍ରିମ ସାମଗ୍ରୀ ବ୍ୟବହାର ହୋଇନାହିଁ ବରଂ ତାଳପତ୍ର, କାଉଁରିଆ କାଠି , ଖଜୁରୀ, ନଡ଼ିଆ, କଦଳୀ ବାସୁଙ୍ଗା, ପଟକା ଓ ବିଭିନ୍ନ ଘାସରେ ଏହି ତୋରଣ ନିର୍ମାଣ କରାଯାଇଛି। ମା'ଙ୍କ ଏହି ପୂଜା ଦେଖିବାକୁ କୋଲକତା, କାନ୍ଥୀ, ଚବିଶ ପ୍ରଗଣା , ମେଦିନାପୁର, ବାଲେଶ୍ୱର , ପାରାଦୀପ ଓ କେନ୍ଦ୍ରାପଡ଼ା ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ପୂଜା କମିଟି ସଦସ୍ୟମାନେ କହିଛନ୍ତି, କୃତ୍ରିମ ସାମଗ୍ରୀ ବର୍ଜନ କରି ପ୍ରାକୃତିକ ଉପାୟରେ ଆମେ ତୋରଣ ନିର୍ମାଣ କରିଛୁ । ମୂର୍ତ୍ତି ନିର୍ମାଣରେ ବି ବିଭିନ୍ନ ଗଛର ପତ୍ର ଫୁଲ, ଅଠା, ଅଙ୍ଗାର,ଷଢେଇ ଆଦିରେ ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଛି ବୋଲି ମୂର୍ତ୍ତି କାରିଗର ଦିଲୀପ ମଣ୍ଡଳ, କାଳିପଦ ମଣ୍ଡଳ ଓ ବିନୋଦ ମଣ୍ଡଳ ପ୍ରମୁଖ କହିଛନ୍ତି।

## ପୂଜା ପାଉଛନ୍ତି ମା'ଗଜଲକ୍ଷ୍ମୀ



ସ୍କୁଲ ଘେରି ପୂଜା କମିଟି ପକ୍ଷରୁ ନିର୍ମିତ ସବୁଜ ତୋରଣ।

# ଏଏପିର ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ



ଆମ୍ ଆଦ୍‌ମୀ ପାର୍ଟିର କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମୀ ଓ ନେତୃବୃନ୍ଦ।

କେନ୍ଦ୍ରାପଡ଼ା, ୨୮।୧୦ (ଜଗନ୍ନାଥ ଧଳ)

ଆମ ଆଦମୀ ପାର୍ଟି(ଏଏପି)କେନ୍ଦ୍ରାପଡ଼ା ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ସହରର କାକାଟ ଲକ୍ ନିକଟସ୍ଥ ଏକ ଘରୋଇ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆବାହକ ସନ୍ଦିପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦିଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ରାନ୍ତିକୁ ଏ ରୋଲ ମଡେଲ ଭାବେ ଗ୍ରହଣ କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି କରାଯାଇଛି । ଏଥିସହିତ ବିଦ୍ୟୁତ ସମସ୍ୟାରୁ ନିରାକରଣ ପାଇଁ ଥିବା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ଆଲୋଚନା ହୋଇଛି । ଏହି ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ତଥା ଦିଲ୍ଲୀ କ୍ୟାଂଟର ବିଧାୟକ ବିରେନ୍ଦ୍ର ସିଂହ କାଦିଆନ ଓ ରାଜ୍ୟ

### କେଜ୍ରିୱାଲଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ରାନ୍ତିକୁ ଗୁରୁତ୍ୱାରୋପ

ଆବାହକ ନିଶିକାନ୍ତ ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ, ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ସୁଧାର ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେବେ କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ଯାଇଛି । ଭିତ୍ତିଭୂମୀ ନାମରେ ଅର୍ଥବ୍ୟୟ ହେଉଥିଲେ ମଧ୍ୟ ଠିକାଦାର ଓ ପ୍ରଶାସକ ଏହି ଅର୍ଥକୁ ହଡ଼ପ କରୁଛନ୍ତି । ସେହିପରି ଶିକ୍ଷକ ଅଭାବ ଦୂର ହେଉନାହିଁ । ଏହି ଜିଲାରେ ମେଡିକାଲ କଲେଜ ଓ ସହରରେ ସିଟି ହସ୍ପିଟାଲ ପାଇଁ ବହୁବାର ଦାବି ହେଉଥିଲେ ମଧ୍ୟ ଏହାକୁ ଗ୍ରହଣ କରାଯାଉନାହିଁ । କୃଷିଭିତ୍ତିକ ଏହି ଜିଲାରେ ଭିତ୍ତିଭୂମି ନ ଥିବାରୁ କର୍ମ ଅନ୍ୱେଷଣରେ ସ୍ଥାନୀୟ ଅଧିବାସୀ ଜିଲା ବାହାରକୁ ଯାଉଛନ୍ତି । ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ ଭାବେ ପରିଗଣିତ ହେଉଥିଲେ ମଧ୍ୟ ଏହାର ୟୁନିଟ ପିଛା ଦେୟ ଓ ବିଦ୍ୟୁତ କାଟ ଜନସାଧାରଣଙ୍କ ମୁଣ୍ଡବ୍ୟଥା ହୋଇଛି । ଏସବୁ ସହିତ ସ୍ଥାନୀୟ ସମସ୍ୟାକୁ ସିଏମ କେଜ୍ରିୱାଲଙ୍କ ନୀତି ଦ୍ୱାରା ସମାଧାନ ହୋଇପାରିବ । ଆସନ୍ତା ସାଧାରଣ ନିର୍ବାଚନ ପାଇଁ କର୍ମକର୍ତ୍ତାମାନେ ସାଙ୍ଗଠନିକ କାର୍ଯ୍ୟ ବଢ଼ାଇବାକୁ ସେମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶ୍ରମିକ ନେତା ଅଶୋକ ତ୍ରିପାଠୀ ଓ କଂଗ୍ରେସ ନେତା ସନ୍ତୋଷ କୁମାର ବେହେରା ପ୍ରମୁଖ ଏଏପିରେ ଯୋଗ ଦେଇଥିଲେ । ସମ୍ମିଳନୀରେ ଜିଲା କର୍ମକର୍ତ୍ତା ଅବଦୁଲ କାହିର, ଦୁର୍ଗାପ୍ରସାଦ ପରିଡା, ମନୋଜ ମହାନ୍ତି, ବାନାମ୍ବର ସାହୁ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ । ଅପୂର୍ବ ରଞ୍ଜନ ସେଠୀ ଓ ଅନ୍ୟମାନେ ମଞ୍ଚ ପରିଚାଳନା କରିଥିଲେ ।

# ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ନାୟକଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୮।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇର ବିଶିଷ୍ଟ ସାମାଜିକ କର୍ମୀ ତଥା ପୂର୍ବତନ ନଗର କଂଗ୍ରେସ ସଭାପତି ରାମଚନ୍ଦ୍ର ନାୟକଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବିଜେଡି ନେତା ସ୍ୱରୂପାନନ୍ଦ ସାମଲ ପ୍ରମୁଖ ତାଙ୍କ ଦକ୍ଷିଣଡିଆସ୍ଥିତ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ କଂଗ୍ରେସ



ସଭାପତି ମଳୟ ଦାସ, ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ଉ ପ ସ ଭ । ପ ତି ଅବିନାଶ ଲେଙ୍କା ଓ ସନାତନ ବିଶ୍ୱାଳ, ଓଁକାର ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିବା ସହ ପରିବାର ବର୍ଗକୁ ସମବେଦନା ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଡ଼.ଅଲେଖ ଜେନା, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟ, ପଟ୍ଟାମୁଣ୍ଡାଇ – ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ସନାତନ ଧର୍ମ ସମ୍ମିଳନୀ ପାଇଁ ଆଜ୍ଞାମାଳ ଉତ୍ସବ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

ରାଜନଗର,୨୮।୧୦(ଭାସ୍କର ରାଉତରାୟ)

ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀର ୫୪ତମ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଆସନ୍ତା ମାର୍ଚ୍ଚ ୧୭ ରୁ ୧୯ ତାରିଖ ୩ଦିନ ଧରି ମହୁଲିଆଠାରେ ଅନୁଷ୍ଠିତ ହେବ। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଓ ଆଜ୍ଞାମାଳ ଉତ୍ସବ ରାଜନଗର ବ୍ଲକର ବାରଗାଁସ୍ଥିତ ମା'ମାଟିଆମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସେବକ ଅଭୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଶାନ୍ତିଧାମ କରମଳାର ପୂଜ୍ୟ ସାଧୁ ବାବାଜୀ ଭୀମସେନ ଦାସ, ବାବାଜୀ ଅକ୍ଷୟ ଦାସ, ବାବାଜୀ ଶ୍ରୀନିବାସ ଦାସ, ବାବାଜୀ ଦୟାନିଧି ଦାସ, ବାବାଜୀ ଆତ୍ମାରାମ ଦାସ, ନେମାଳ ମହାମିଳନ ଉତ୍ସବ କମିଟିର ସଭାପତି ଗଗନ ବିହାରୀ ସାହୁ, ସମ୍ପାଦକ ଶରତ ଚନ୍ଦ୍ର ସାହୁ, ପଟ୍ଟାମୁଣ୍ଡାଇ ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ପଣ୍ଡିତ ପ୍ରେମାନନ୍ଦ ପଣ୍ଡା, ପରମେଶ୍ୱର ନାୟକ, କାର୍ତ୍ତିକ ଚନ୍ଦ୍ର ବେହେରା, କଳ୍ପତରୁ ପରିଡା, ମାନସ ଚନ୍ଦ୍ର ମିଶ୍ରଙ୍କ ସମେତ ମହୁଲିଆ ପଞ୍ଚାୟତର ଅଧିବାସୀ ଓ ସମ୍ମିଳନୀର କର୍ମକର୍ତ୍ତା, ଆଞ୍ଚଳିକ ଭକ୍ତଗୋଷ୍ଠୀର ଗୁରୁଭାଇମାନେ ଯୋଗଦେଇ ସନାତନ ଧର୍ମ ସମ୍ମିଳନୀକୁ କିପରି ଶାନ୍ତିଶୃଙ୍ଖଳା ଓ ଧାର୍ମିକ ପରିବେଶ ମଧ୍ୟରେ ଶେଷ କରାଯିବ, ସେ ନେଇ ମତ ରଖିଥିଲେ।

# ଯମଜ ଶିଶୁଙ୍କୁ ମିଳିଲା ପୁଷ୍ଟିକର ଖାଦ୍ୟ

ମହାକାଳପଡ଼ା,୨୮।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

### ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତତ୍ପରତା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ଶବରପଡ଼ା ଗ୍ରାମର ୨ ଯମଜ ଶିଶୁ ଖାଦ୍ୟ ଅଭାବ ଯୋଗୁ ଡହଳବିକଳ ହେଉଥିବା ଖବର ଧରିତ୍ରୀରେ ଗତ ଶୁକ୍ରବାର ଓ ଶନିବାର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ନିଦ ଭାଙ୍ଗିଛି । ବିଡ଼ିଓ ସାଗର କୁମାର ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ପୂର୍ବାହ୍ନରେ ସିଡ଼ିପିଓ କବିତା ମଲିକ ଦୁଇ ଯମଜ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ , ଅଣ୍ଡା , ବିସ୍କୁଟ , ସୁଜି ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଳମ୍ବରେ ହେଲେ ମଧ ପ୍ରଶାସନିକ ଅଧିକାରୀଙ୍କ ପଦକ୍ଷେପକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି । ଆଗାମୀ ଦିନରେ ଏହି ଦୁଇ ଶିଶୁଙ୍କ ପରିବାରକୁ ସରକାରଙ୍କ ଜନ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ଯଶବନ୍ତ ବେହେରା ଦାବି କରିଛନ୍ତି। ସିଡ଼ିପିଓଙ୍କ ସହିତ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ , ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



୨ ଶିଶୁଙ୍କୁ ସିଡିପିଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରୁଛନ୍ତି ।

# କୋଇଲିପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

ରାଜନଗର,୨୮।୧୦(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀଙ୍କୁ ବ୍ଲକ ସଭାପତି ପଦରୁ ନିଲମ୍ବନ କରାଯିବା ପରେ ତାଙ୍କ ନିଜ ପଞ୍ଚାୟତ କୋଇଲିପୁରରେ ଶନିବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ନ ଆସିବା ପାଇଁ ଅଶୋକ ଗତ ୩ ଦିନ ଧରି କର୍ମୀମାନଙ୍କୁ ବୁଲି ବୁଲି ମନା କରିଥିଲେ । ତାଙ୍କ ଦୃଢ ବିରୋଧ ସତ୍ତ୍ୱେ ବହୁ ଛାମୁଆ କର୍ମୀ ଏହି ବୈଠକରେ ଉପସ୍ଥିତ ଥିଲେ । ତେବେ ଅଶୋକଙ୍କ ବିରୋଧ ଯୋଗୁ ତାଙ୍କ ଶ୍ୱଶୁର ତଥା ପଞ୍ଚାୟତ ସଭାପତି ବୈଠକକୁ ଆସି ନ ଥିଲେ ମଧ୍ୟ ୧୪ ୱାର୍ଡର ପ୍ରାୟ ସମସ୍ତ ଛାମୁଆ କର୍ମୀ ଯୋଗଦେଇ ଦଳ ଓ ଦଳର ନେତୃତ୍ୱ ବିଧାୟକ ଧ୍ରୁବ ସାହୁଙ୍କ ପଛରେ ଥିବା କହିବା ସହ ଦଳର ସଙ୍ଗଠନକୁ ମଜବୁତ କରିବାକୁ ମତ ରଖିଥିଲେ।

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତର ବିଲକାଲୁପଡାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ବିଜୁ ଜନତା ଦଳର ପଞ୍ଚାୟତ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅଶୋକଙ୍କ ଅନୁପସ୍ଥିତିରେ ଦୀର୍ଘ ୧୫ବର୍ଷ ପରେ କୋଇଲିପୁର ପଞ୍ଚାୟତରେ ବିଜୁ ଜନତା ଦଳର ବୈଠକ ବସିଥିଲା । ଅଶୋକ ଜିଲା ପରିଷଦ ଉପାଧ୍ୟକ୍ଷ ଥିବା ବେଳେ ତାଙ୍କ ଶ୍ୱଶୁର



ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ କର୍ମୀ ଓ ନେତା।

ପଞ୍ଚାୟତ ସଭାପତି ଅଛନ୍ତି, ତାଙ୍କ ଭାଇବୋହୂ ପୂର୍ବରୁ ସରପଞ୍ଚ ଥିଲେ ଓ ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ଭାଇ ସରପଞ୍ଚ ଭାବେ ପରାଜିତ ହୋଇଥିଲେ। ପଞ୍ଚାୟତର ନେତୃତ୍ୱ ତାଙ୍କ କବଜାରେ ଥିବା ଓ କର୍ମୀ ତାଙ୍କ ସାଙ୍ଗରେ ଥିବା ଦାବି କରୁଥିବା ଅଶୋକ ଆଜି ବୈଠକରେ ଯୋଗ ନ ଦେବା ପାଇଁ କର୍ମୀମାନଙ୍କୁ ମନା କରିବା ସହ ୩ଦିନ ଧରି ପ୍ରୟାସ ଜାରି ରଖିଥିଲେ। ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ପ୍ରତିହାରୀ ବିଷୋଦ୍‌ଗାର କରିବା ପରେ ତାଙ୍କୁ ବ୍ଲକ ସଭାପତି ପଦରୁ ବହିଷ୍କୃତ

- ଅଶୋକଙ୍କ ବିରୋଧ କାମ ଦେଲାନି
- ଯୋଗଦେଲେ ବହୁ ଛାମୁଆ କର୍ମୀ

କରାଯାଇଥିଲା। ଏଥିସହ ତାଙ୍କୁ କାହିଁକି ଦଳରୁ ନିଲମ୍ବିତ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ବିବାଦ ଭିତରେ ଆଜି ଅଶୋକଙ୍କୁ ବାଦଦେଇ କୋଇଲିପୁର ପଞ୍ଚାୟତରେ ବିଜୁ ଜନତା ଦଳର ବୈଠକ ବସିଥିଲା। ପଞ୍ଚାୟତର ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଜେଡି ନେତା ପୃଥ୍ୱିରାଜ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଯୁବନେତା ସଞ୍ଜୟ କୁମାର ଜେନା ଯୋଗଦେଇ କାହା ନାଁ ନେଇ ନ ଥିଲେ ମଧ୍ୟ ସେମାନେ ଚାହୁଁଥିଲେ ବୈଠକକୁ କେହି ନ ଆସନ୍ତୁ, ଏହାସତ୍ତ୍ୱେ ଏତେ ସଂଖ୍ୟାରେ ଆମେ ଉପସ୍ଥିତ ହୋଇଛେ। ପୂର୍ବରୁ କେତେ ଟଙ୍କା ପଞ୍ଚାୟତକୁ ଆସୁଥିଲା, ତାହା କେଉଁ ଆଡେ ଖର୍ଚ୍ଚ ହେଉଥିଲା କେହି ଜାଣି ପାରୁ ନ ଥିଲେ। ଏବେ ପ୍ରତି ଗାଁରେ ବୈଠକ କରି ପଞ୍ଚାୟତର ଉନ୍ନତିମୂଳକ କାମ ହେବ। ଦଳ ସହିତ ୫ଜଣଙ୍କୁ ଯୋଡିବାର ଅଛି। କାହାକୁ ବାଦ ଦେବାନି ବୋଲି ମତ ରଖିଥିଲେ। ଗତ ନିର୍ବାଚନ ଅପେକ୍ଷା ବିଧାନସଭା ନିର୍ବାଚନରେ ଦଳ କିପରି ଅଧିକ ଭୋଟ ପାଇବ, ସେ ନେଇ ଏକ ହୋଇ କାମ କରିବାକୁ କହିଥିଲେ। ବୈଠକରେ ଘନଶ୍ୟାମ ଜେନା, ପ୍ରଦୀପ ବେହେରା, ପ୍ରଭାତ ଜେନା, ପ୍ରସନ୍ନ ବେହେରା, ଅକ୍ଷୟ ଜେନା, ଅକ୍ଷୟ କୁମାର ନାୟକ, ପ୍ରଣତ ସ୍ୱାଇଁ, ଶରତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଭଗବାନ ନାୟକ, ଗୌରାଙ୍ଗ ରାଉତ, ଲିଙ୍ଗରାଜ ଦାସ, କାଳିନ୍ଦୀ ରାଉତ, ବିଜୁ ରାଉତ, ମଧୁସୂଦନ ପ୍ରଧାନ, ଜଗବନ୍ଧୁ ନାୟକ, ମଧୁସୂଦନ ପରିଡା, ଲିପେଶ ଦାସ, ଶତ୍ରୁଘ୍ନ ରାଉତ, ରମେଶ ନାୟକ, ଧର୍ମେନ୍ଦ୍ର ବେହେରା, ନିତ୍ୟାନନ୍ଦ ମହାରଣା, ବାନାମ୍ବର ସାହୁ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ଦଳକୁ ମଜବୁତ କରିବା ଓ ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ମତ ରଖିଥିଲେ। ବୈଠକରେ ବିଜୁ ଜନତା ଦଳର କର୍ମୀ ସମସ୍ତ ଭେଦଭାବ ଭୁଲି ଦଳୀୟ କାର୍ଯ୍ୟକ୍ରମକୁ ଆଗେଇ ନେବେ, ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ମୋ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଅନୁମୋଦିତ ହୋଇଥିବା ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ଆଗେଇ ନିଆଯିବ । କର୍ମୀମାନଙ୍କ ସହମତି କ୍ରମେ ପଞ୍ଚାୟତସ୍ତରରେ ଏକ କମିଟି ଗଠନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ସଂକ୍ଷେପରେ

### ସାନ ଯାଆଙ୍କୁ ମାଡ଼ ମାରି ୨ ଯାଆ ଗିରଫ

ଆସିକା,୨୮।୧୦ (ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସିର ସୁନାମ୍ଭ ସାହିରେ ନିଜ ପରିବାରର ସାନ ଯାଆକୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତ ଅନ୍ୟ ୨ ଯାଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପାରିବାରିକ ସମ୍ପତ୍ତି ଭାଗ ବଣ୍ଟାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଗତ ମାସ ୧୪ ତାରିଖ ଦିନ ସାନ ଯାଆ ଘରେ ପଶି ଭଙ୍ଗାରୁଜା କରିବା ସହ ମାଡ ମାରିଥିଲେ। ପୋଲିସ ପକ୍ଷରୁ ଆସିକା ଥାନାରେ ୫୫୧/୨୩ରେ ମାମଲା ରୁଜୁ କରାଯାଇଥିଲା । ତେବେ ଏହି ପାରିବାରିକ ସମସ୍ୟାର ଆପୋଶ ଆଲୋଚନା ମଧ୍ୟରେ ସମାଧାନ ଲାଗି ପୋଲିସ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ଏଥିରେ ସହଯୋଗ କରିନଥିବାରୁ ପୋଲିସ ବାଧ୍ୟ ହୋଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା କୁହାଯାଇଛି।

### କାର୍ତ୍ତିକ ପୂଜା ପ୍ରସ୍ତୁତି

ବ୍ରହ୍ମପୁର,୨୮।୧୦(ଅଶୋକ କୁମାର ସାହୁ): ସ୍ଥାନୀୟ ଗଜପତି ନଗରରେ ଥିବା ହନୁମାନ ମନ୍ଦିରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ତ୍ତିକ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପୂଜାନୀତି କିଭଳି ନିର୍ଦ୍ଦିଷ୍ଟ ସମୟରେ ପାରମ୍ପରିକ ରୀତିନୀତି ଅନୁସାରେ କରାଯିବ ସେଥିନେଇ ଆଲୋଚନା କରାଯାଇଥିଲା। କାର୍ତ୍ତିକ ମାସରେ ମନ୍ଦିରରେ ପ୍ରତିବର୍ଷ ହବିଷ୍ୟାଳିମାନଙ୍କ ଗହଳି ଲାଗୁଥିବାରୁ କିଭଳି ଶୃଙ୍ଖଳାର ସହ ସେମାନେ ନିଜ ବ୍ରତ ସମାପନ କରିବେ ଏବଂ ଏଥିସହ ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ସଭାପତି ବିନୋଦ ମହାପାତ୍ର, ସମ୍ପାଦକ ଶରତ ମହାପାତ୍ର, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, କିଶୋର ପଣ୍ଡା, ଶକ୍ତିଧର ରାଜଗୁରୁ, ଦୀପକ ପଟ୍ଟନାୟକ, ଅନନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ୧୭ ଜୁଆଡ଼ିଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଆଙ୍କୁଲି ନିଗମ ନଗରରେ ଶନିବାର ସନ୍ଧ୍ୟାରେ ଜୁଆଖେଳ ଚାଲିଥିବା ନେଇ ପୋଲିକୁ ଖବର ମିଳିଥିଲା। ଥାନାଧିକାରୀ ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୧୭ଜଣ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟପଟେ ଅନ୍ଧାରର ସୁଯୋଗ ନେଇ କେତେକ ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ସ୍ଥଳରୁ ପୋଲିସ ୪୭ ହଜାର ୪୦୦ଟଙ୍କା, ୧୭ଟି ମୋବାଇଲ୍ ସହ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିଲା। ଏନେଇ ଥାନାରେ ୫୫୨/୨୩ ରେ ଏକ ମାମଲା ରୁଜୁ ହୋଇଛି। ଜୁଆଡ଼ିମାନଙ୍କୁ ଧାରା ୪୧ ସିଆରପିସିରେ ଥାନାରୁ ଜାମିନରେ ଛଡ଼ାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ପୋଲସରା/ହାତୀଓଟ, ୨୮।୧୦ (ସୁବ୍ରତ ବେହେରା/ରଞ୍ଜୟ ପାଣିଗ୍ରାହୀ): ଗଞ୍ଜାମ ଜିଲା ପୋଲସରା ମାଜୁଆ ଶଙ୍ଖ ନିକଟରେ ବାଇକ ଦୁର୍ଘଟଣାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନିଗମ ନଗର ସାହିର ଶ୍ରୀକାନ୍ତ ମହାରଣାଙ୍କ ସ୍ତ୍ରୀ ସୁନିତା ମହାରଣା । ଗୁରୁତର ଆହାତ ଶ୍ରୀକାନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ପୋଲସରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଦିବ୍ୟଜୀବନ ସଂଘର କୁମାର ପୂର୍ଣ୍ଣିମା

ଧରାକୋଟ,୨୮।୧୦(ବିଷ୍ଣୁକେଶରୀ ଆଚାର୍ଯ୍ୟ) ମୁଣ୍ଡମରାଇ ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ କୁମାର ପୂର୍ଣ୍ଣିମା ଅଞ୍ଚଳର ଗରିବ ନାରାୟଣମାନଙ୍କୁ ଶୀତବସ୍ତ୍ର ଏବଂ ସ୍ୱାଦିଷ୍ଟ ଭୋଜନର ଆୟୋଜନ କରାଯାଇଥିଲା।ଏଥିରେ ୫ଶହ ନାରାୟଣ ଯୋଗ ଦେଇଥିଲେ। ଉକ୍ତ କାର୍ଯକ୍ରମକୁ ଦକ୍ଷିଣ ଓଡ଼ିଶା ଦିବ୍ୟଜୀବନ ସଂଘର ସଂଗଠକ ଜୟଚନ୍ଦ୍ର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପ୍ରଦୀପ କୁମାର ପାଣିଗ୍ରାହୀ ଅବସରପ୍ରାପ୍ତ ଶାଖା ପରିଚାଳକ ସମବାୟ କେନ୍ଦ୍ର ବ୍ୟାଙ୍କ ମୁଣ୍ଡମରାଇ ନାରାୟଣମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଗଣେଶ ଚନ୍ଦ୍ର ରଥ ଯୋଗଦେଇଥିବା ବେଳେ ସଂଯୋଜକ ୟୁ.ନାଗେଶ୍ୱର ରାଓ ପାତ୍ର ଏହାକୁ ପରିଚାଳନା କରିଥିଲେ।

# ଗୁମର ଖୋଲିଲା ଭାଇରାଲ ଅଡିଓ

## ଆଇନଜୀବୀ ଜେଲ ଯିବା ଘଟଣା

- ଦିଲୀପଙ୍କୁ ଫସାଇଲେ ଖଣିଜ ଚୋରା ଚାଲାଣକାରୀ
- ଥାନା ଆଇଆଇସିଙ୍କୁ ନିଲମ୍ବନ ଦାବି

ନୟାଗଡ଼ ଅଫିସ/ରଣପୁର,୨୮।୧୦ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ): ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡ଼ଙ୍କୁ ୨୦ ଲକ୍ଷ ଲାଞ୍ଚ ମାଗିବା ଅଭିଯୋଗରେ ନୟାଗଡ଼ ଜିଲାର ଚାନ୍ଦପୁର ଥାନା ପୋଲିସ ରଣପୁର ଥାନା ବଜ୍ରକୋଟ ଗାଁର ଆଇନଜୀବୀ, ପରିବେଶବିତ୍ ତଥା ସୂଚନା ଅଧିକାର କର୍ମୀ ଦିଲୀପ ସାମନ୍ତରାୟଙ୍କୁ ଗିରଫ କରି ଜେଲ ପଠାଇବା ଘଟଣା ପୋଲିସ ପାଇଁ ଅଡୁଆ ହୋଇଛି । ପୋଲିସ ବିଭାଗକୁ ବଦନାମର ବୋଝରୁ ମୁକଳାଇବା ପାଇଁ ତଦନ୍ତକାରୀ ଅଧିକାରୀ ଚାନ୍ଦପୁର ଥାନା ଆଇଆଇସିଙ୍କୁ ନିଲମ୍ବନ କରିବାକୁ ଦାବି ଉଠିଛି । ଦିଲୀପ ଓ ଅଭିଯୋଗକାରୀ ଖଣିଜ ଚାଲାଣକାରୀଙ୍କ ଅଡିଓ ଭାଇରାଲ ହେବା ପରେ ଆଇନଜୀବୀଙ୍କ ଗିରଫଦାରୀର ଗୁମର ଫିଟିଛି । ପୋଲିସ ଖଣିଚୋରଙ୍କ ସାଙ୍ଗରେ ମିଶି ଦିଲୀପଙ୍କୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଚର୍ଚ୍ଚା ଜୋର ଧରିଛି ।

ଏନେଇ ଦିଲୀପଙ୍କ ଓକିଲ ସୌମ୍ୟ ରଞ୍ଜନ ପ୍ରଧାନ କୁହନ୍ତି, ଗତ ୧୫ ତାରିଖ ରାତି ୯.୩୨ରେ ଏକ ଫୋନ୍ କଲ୍ ଦିଲୀପଙ୍କ ପାଖକୁ ଆସିଥିଲା । କଲ୍‌ଟି ରଣପୁର ଅଞ୍ଚଳର ଖଣିଜ ଚାଲାଣରେ ସମ୍ପୃକ୍ତ ସୁଶାନ୍ତ କୁମାର ବରାଡ କରିଥିଲେ । ନିଜର ପରିଚୟ ଲୁଚାଇ ରାମେଶ୍ୱର ଜଙ୍ଗିଆରୁ କହୁଛନ୍ତି କହି କାହିଁକି ଆରଟିରେ ତଥ୍ୟ ମାଗୁଛ ଓ ମିଛ କେଶ କରି ହଇରାଣ କରୁଛ ବୋଲି କ୍ଷୋଭ ପ୍ରକାଶ କରିଥିଲେ । କଲ୍ କାଟିବା ପରେ ଦିଲୀପ କଲରାଏଡ ଆପ୍‌ରୁ ଜାଣି ପାରିଥିଲେ ତାଙ୍କ ପାଖକୁ ଆସିଥିବା କଲଟି ରଣପୁର ବ୍ଲକ ଚମ୍ପାଗଡ଼ ଗାଁର ସୁଶାନ୍ତଙ୍କ ଥିଲା । ଯାହାଙ୍କ ବିରୋଧରେ ସେ ଏନ୍‌ଜିଟିରେ ମାମଲା କରି ଜେଲ ପଠାଇଥିଲେ । ତେବେ ୨୦ ଲକ୍ଷ ଲାଞ୍ଚ ଫୋନରେ ଦିଲୀପ ମାଗୁଥିବାର ସୁଶାନ୍ତ ଚାନ୍ଦପୁର ଥାନାରେ ରାତି ସାଢ଼େ ୧୦ଟାରେ ଅଭିଯୋଗ କରିଥିଲେ । ପୋଲିସ ସେହି ରାତିରେ ଦିଲୀପଙ୍କ ନାଁରେ ୧୮୩/୨୩ରେ ମାମଲା ରୁଜୁ କରିଛି । ମାମଲା ପରେ ଚାନ୍ଦପୁର ପୋଲିସ ଗତ ୧୬ ତାରିଖ ସକାଳୁ ଦିଲୀପଙ୍କୁ ଗିରଫ କରିବାକୁ ପ୍ରୟାସ ଆରମ୍ଭ କରିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଗିରଫର ୨୪ ଘଣ୍ଟା ଭିତରେ ପୋଲିସ ଦିଲୀପଙ୍କୁ କୋର୍ଟ ଚାଲାଣ କରିନି । ଅନ୍ୟପକ୍ଷେ ପୋଲିସ ତଦନ୍ତ ନ କରି ମାମଲା ରୁଜୁ କରିବା ଆଇନକୁ ଆଖିଠାର । ପୋଲିସ ଖଣିଚୋର ପ୍ରତି ଅନୁକମ୍ପାକୁ ଅନୁଧ୍ୟାନ କଲେ ଦିଲୀପଙ୍କୁ ଫସାଇବାକୁ ପୂର୍ବରୁ ପୋଲିସ ଓ ଖଣିଚୋରଙ୍କ ମଧ୍ୟରେ ଗୁପ୍ତମନ୍ତ୍ରଣା ହୋଇଥିବା ସ୍ପଷ୍ଟ ହୋଇ ଯାଉଛି । ଚୋରି, ଡକାୟତି, ମାରପିଟ୍ ପରି ମାମଲାରେ ଅଭିଯୁକ୍ତଙ୍କୁ ଚାନ୍ଦପୁର ଥାନା ପୋଲିସ ଗିରଫ କରୁ ନ ଥିବା ବେଳେ ଜଣେ ଖଣି କାରବାରରେ ସମ୍ପୃକ୍ତଙ୍କ ଅଭିଯୋଗକ୍ରମେ ଫୋନ ଟ୍ରାକିଂ କରି ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀଙ୍କୁ ଗିରଫ କରିବା ପୋଲିସର ଅସଲ ମୁଖା ଖୋଲିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅଭିଯୋଗକାରୀ ସୁଶାନ୍ତଙ୍କ ନାମରେ ଚାନ୍ଦପୁର ଥାନାରେ ଏକ ମାମଲା(ନଂ.୧୨୧/୨୩ ଥିବାବେଳେ ପୋଲିସ ଗିରଫ ନ କରି ଅନୁକମ୍ପା ଦେଖାଇବା ଆଇଆଇସିଙ୍କୁ ନିଲମ୍ବନ କରାଯାଇ ଘଟଣାର ତଦନ୍ତ କରାଯିବା ଦରକାର । ରଣପୁର କଂଗ୍ରେସ ନେତା ସତ୍ୟବ୍ରତ ନାୟକ କୁହନ୍ତି, ରଣପୁର ତହସିଲ ଅଞ୍ଚଳରେ ଖଣିଚୋରମାନେ ବେଆଇନ ଖଣି ଖନନ କରି ବୁଲୁଛନ୍ତି । ଏଠାରେ ଜିଲାପାଳ ରବୀନ୍ଦ୍ର ସାହୁଙ୍କ ନାଁରେ ଲାଞ୍ଚ ଅଭିଯୋଗ ଆଣି ଫସାଇବାକୁ ଉଦ୍ୟମ କରାଯାଇଥିଲା । ଜିଲାପାଳଙ୍କ ନାଁରେ ଚାନ୍ଦପୁର ଥାନାରେ ମାମଲା ହୋଇଥିଲା । ଜିଲାପାଳଙ୍କ ନାଁରେ ହୋଇଥିବା ମାମଲାରେ ସାମାଜିକ କର୍ମୀ ଦିଲୀପ ସାମନ୍ତରାୟଙ୍କ ନାଁ ଥିଲା । ସେହି କେଶଟି ମିଥ୍ୟା ପ୍ରମାଣିତ ହେବା ପରେ ପୁଣି ଦିଲୀପଙ୍କ ନାଁରେ ମିଥ୍ୟା ଅଭିଯୋଗ କରି ଫସାଇ ଦିଆଗଲା । ପୋଲିସ ଖଣିଚୋରଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ରୋକିବାକୁ ଉଦ୍ୟମ କରୁଥିବା ସାମାଜିକ କର୍ମୀ ଓ ପରିବେଶବିତ୍‌ଙ୍କୁ ଚାପି ଦେବାକୁ ଚେଷ୍ଟା କରି ମାମଲା କରିଛି । ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଚାନ୍ଦପୁର ଥାନା ଆଇଆଇସିଙ୍କୁ ନିଲମ୍ବନ କରି ପ୍ରକୃତ ଘଟଣା ଲୋକ ଲୋଚନକୁ ଅଣାଯିବା ଦରକାର । ସାମାଜିକ କର୍ମୀ ନୟାଗଡ଼ର ସନ୍ତୋଷ ପ୍ରଧାନ କୁହନ୍ତି ଦିଲୀପଙ୍କୁ ଗିରଫଦାରୀ ଘଟଣାରେ ପୋଲିସର କାର୍ଯ୍ୟକୁ ଅନୁଧ୍ୟାନ କଲେ ଚାନ୍ଦପୁର ଥାନା ଆଇଆଇସି ଖଣିଜ ଚୋରା ଚାଲାଣକାରୀଙ୍କ ସମର୍ଥନକାରୀ ବୋଲି ବୁଝାପଡୁଛି । ସୁଶାନ୍ତ ଗତ ୧୫ ତାରିଖ ରାତିରେ ଅଭିଯୋଗ କରୁ କରୁ ପୋଲିସ ମାମଲା ରୁଜୁ କରି ଦିଲୀପଙ୍କୁ ଗିରଫ ପାଇଁ ଷଡଯନ୍ତ୍ର ବୋଲି ପ୍ରମାଣିତ ହୋଇ ଯାଉଛି । ଏଣୁ ତଦନ୍ତର ସ୍ୱଚ୍ଛତା ପାଇଁ ତଦନ୍ତକାରୀ ଅଧିକାରୀ ଚାନ୍ଦପୁର ଥାନା ଆଇଆଇସିଙ୍କୁ ହଟାଇ ତାଙ୍କୁ ନିଲମ୍ବନ କରାଯାଉ । କ୍ରାଇମବ୍ରାଞ୍ଚ ଅଥବା ଏସ୍‌ଟିଏଫ୍ ଏହି ଘଟଣାର ଯାଞ୍ଚ କରୁ ବୋଲି ମତ ଦେଇଛନ୍ତି । ଆମେ ଏହି ଘଟଣାରେ ନୟାଗଡ ଏସପିଙ୍କ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ନିଷ୍ପତ୍ତି ନେଇଛୁ ବୋଲି ସେ କହିଛନ୍ତି ।

### ପ୍ରଧାନମନ୍ତ୍ରୀ ଆବାସ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ମିଳିଲା

# ଗୃହ ପ୍ରବେଶ ଉତ୍ସବ କଲେ ୧୧ ହଜାର ପରିବାର



ଗୃହ ପ୍ରବେଶ ଉତ୍ସବ।

ଛତ୍ରପୁର,୨୮।୧୦(ସନ୍ତୋଷ ପାଢୀ): ଗଞ୍ଜାମ ଜିଲାରେ ୧୧ ହଜାରରୁ ଊର୍ଦ୍ଧ୍ୱ ପରିବାର ଦଶହରା ଓ ପାର୍ବଣରେ ଗୃହ ପ୍ରବେଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ନୂତନ ଭାବେ ନିର୍ମିତ ଘରେ ଏହି ଗୃହ ପ୍ରବେଶ ହୋଇଛି। ଏ ସମ୍ପର୍କରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି । ଏପରିକି ଉକ୍ତ ଆବାସଗୁଡିକ ମାତ୍ର ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଦଶହରା ପୂଜାରେ ନୂତନ ଭାବେ ନିର୍ମିତ ଆବାସରେ ହିତାଧିକାରୀଙ୍କ ପରିବାରଙ୍କ ପାଇଁ ସ୍ୱତନ୍ତ୍ର ଗୃହ ପ୍ରବେଶ ଉତ୍ସବର ଆୟୋଜନ ସମ୍ପୃକ୍ତ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିଲା । ଆହୁରି ଜଣାଯାଇଛି ଯେ ନିର୍ଦ୍ଧାରିତ ୪ ମାସ ମଧ୍ୟରେ ଉକ୍ତ ଆବାସ ଗୁଡିକର ନିର୍ମାଣ ସରିଥିବାରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ନିର୍ମାଣ ପାଇଁ ହିତାଧିକାରୀ ମାନଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏଥିସହ ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୫ ଦିନର କାମ ମଧ୍ୟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଛି।

### ପଥ ଉତ୍ସବରେ ଭୋଟରଙ୍କୁ ସଚେତନତା

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ

ନୟାଗଡ,୨୬।୧୦(ଲୋକନାଥ ମିଶ୍ର): ଭୋଟ ଦେବା ଓ ଗଣତନ୍ତ୍ରଙ୍କୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭୋଟରଙ୍କୁ ସଚେତନତା କରିବା ପାଇଁ ଶନିବାର ଜିଲା ସଦର ମହକୁମାରେ ପଥ ଉତ୍ସବ ଅନୁଷ୍ଠିତ ହୋଇଛି । ଜିଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇ ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଯାଇ ସଚେତନତା କରିଥିଲେ । ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଶୁକ୍ରବାର ଜିଲାରେ ଆରମ୍ଭ ହୋଇଥିବାବେଳେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିବା ପରେ ଶୋଭାଯାତ୍ରା ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇ ପୁଣି ଫେରି ସଚେତନତା ସୃଷ୍ଟି କରିଥିଲା । ପରେ ପଥ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଭୋଟରମାନଙ୍କୁ ଅନୁରୂପ ଭାବେ ସଚେତନତା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ରୀମା ହାଁସଦା, ନୟାଗଡ ବିଡିଓ ପଦ୍ମ ଚରଣ ସାହୁ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି, ଭୋଟର, ବୁଦ୍ଧିଜିବୀ ଉପସ୍ଥିତ ଥିଲେ ।

### ପ୍ରବେଶ ପଥ କଳିଙ୍ଗାରେ ନାହିଁ ଶୌଚାଳୟ,ଯାତ୍ରୀ ହନ୍ତସନ୍ତ

ଜି.ଉଦୟଗିରି,୨୮।୧୦(ଶିଶିର ପଟ୍ଟନାୟକ) ଗଞ୍ଜାମ ଓ କନ୍ଧମାଳ ଜିଲାର ପ୍ରବେଶ ଦ୍ୱାର ଓ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ କଳିଙ୍ଗାଠାରେ ଶୌଚାଳୟ ନଥିବା ଏବଂ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଯୋଗୁ ପର୍ଯ୍ୟଟକମାନେ ଅସୁବିଧାରେ ପଡୁଛନ୍ତି। ପୁଣି କଳିଙ୍ଗା ଛକରେ ଭବାନୀପାଟଣା, ବଲାଙ୍ଗୀର ଓ ବ୍ରହ୍ମପୁର ପାଇଁ ରାସ୍ତା ଥିବା ଯୋଗୁ ଏହି ଛକ ସବୁବେଳେ ଜନ ଗହଳି ହୋଇଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜନିଜ ଗନ୍ତବ୍ୟକ୍ଷେତ୍ରକୁ ଯିବା ଆସିବା କରିବା ନିମନ୍ତେ ଏହି ଛକରେ ବସକୁ ଅପେକ୍ଷା କରିଥାନ୍ତି। ପ୍ରତ୍ୟେକ ଦିନ ଏହି ଛକ ଦେଇ ଶହ ଶହ ବସ୍ ଯିବା ଆସିବା କରିବା ସଙ୍ଗେ ସଙ୍ଗେ ଶହ ଶହ ମାଲବାହି ଟ୍ରକ୍, ମିନି ଟ୍ରକ୍ ଏବଂ ମିନି ବସ୍ ଗୁଡ଼ିକ ଯାତାୟାତ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଏହି ଛକ ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ଅଞ୍ଚଳବାସୀ ଅଭିଯୋଗ କରିବାର ଦେଖିବାକୁ ମିଳୁଛି। କଳିଙ୍ଗା ଛକରେ ଏକ ବିଶ୍ରାମଗାର ଟିଏ ଅଛି ହେଲେ ଯାତ୍ରୀଙ୍କ ନିମନ୍ତେ ଏକ ଶୌଚାଳୟଟିଏ ମଧ୍ୟ ନାହିଁ। ସାମାନ୍ୟ ଏକ ପରିସ୍ରାଗାରଟିଏ କିମ୍ବା ଯାତ୍ରୀଙ୍କ ନିମନ୍ତେ ପିଇବା ପାଣି ମଧ୍ୟ ଏଠାରେ ନାହିଁ। ଫଳରେ ଅନେକ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତେଣୁ କଳିଙ୍ଗା ଛକରେ ଏକ ଶୌଚାଳୟ ଏବଂ ପରିସ୍ରାଗାର ନିର୍ମାଣ କରିବା ସହ ବିଶୁଦ୍ଧ ପାନୀୟ ଜଳ ନିମନ୍ତେ କଳିଙ୍ଗାବାସୀ ପ୍ରଶାସନକୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏ ଯାଏ ଦାବି ପୂରଣ ହୋଇନାହିଁ।

# ପ୍ରତାପ ନଗରୀକୁ ହରାଇ ବାଲୁଗାଁ ଚାମ୍ପିୟନ

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡା,୨୮।୧୦(ଅଜୟ କୁମାର ମହାରଣା) ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ନୀଳମାଧବ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ କଣ୍ଟିଲୋ ପଲଟନ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ମ୍ୟାଚ୍‌ରେ ବାଲୁଗାଁ ଫୁଟବଲ ଆସୋସିଏଶନ ୪-୧ ଗୋଲରେ ପ୍ରତାପ ନଗରୀ ଫୁଟବଲ ଆସୋସିଏଶନକୁ ହରାଇ ଚାମ୍ପିୟନ ହୋଇଛି । ଆଜିର ଫାଇନାଲ ମ୍ୟାଚରେ ପ୍ରତାପ ନଗରୀ ଦଳ ୨ୟ ହାପ୍‌ରେ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ବାଲୁଗାଁ ଦଳ ପ୍ରଥମ ଓ ୨ୟ ହାପ୍‌ରେ ଦୁଇଟି ଗୋଲ ସ୍କୋର କରି ଆଜିର ମ୍ୟାଚରେ ଚାମ୍ପିୟନ ଦଳ ଭାବେ ବିବେଚିତ ହୋଇଛି । ଆଜିର ମ୍ୟାଚରେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, କଣ୍ଟିଲୋ ସରପଞ୍ଚ ଶ୍ରୀଯାରାଣୀ ବେହେରା, ବାଣପୁର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ମନୋରଞ୍ଜନ ବେହେରା, ବିଜୟ ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଚାମ୍ପିୟନ ଦଳକୁ ୧୦ ହଜାର ଓ ରନରସ ଅପ ଦଳ ପ୍ରତାପ ନଗରୀକୁ ୭ ହଜାର ଟଙ୍କାର ଆର୍ଥିକ ରାଶି ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରିଥିଲେ । । ବିଦ୍ୟାଧର ନାୟକ, ସୁବାସ ଚନ୍ଦ୍ର ବେହେରା, ପ୍ରସନ୍ନ କୁମାର ନାୟକ ଓ ଅଶୋକ କୁମାର ବାରିଲ ଖେଳକୁ ପରିଚାଳନା କରିଥିଲେ ।

# ୧୦ ମଣ୍ଡପରେ ପୂଜା ପାଇଲେ ଗଜଲକ୍ଷ୍ମୀ

### ଝିଲିମିଲି ଆଲୁଅରେ ଝଲସୁଛି ନୟାଗଡ଼ ଜିଲା

ନୟାଗଡ଼ ଅଫିସ,୨୮।୧୦: ମା'ଦୁର୍ଗତୀନାଶିନୀଙ୍କ ବିଦାୟ ପରେ ଧରାବତରଣ ହୋଇଛନ୍ତି ଧନଦାତ୍ରୀ ମହାଲକ୍ଷ୍ମୀ । ମା ଲକ୍ଷ୍ମୀଙ୍କ ଆଗମନରେ ନୟାଗଡ ଜିଲା ସଦର ମହକୁମା ସମେତ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ସବୁଠି ଚାଲିଛି ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା ଲକ୍ଷ୍ମୀଙ୍କ ଆବାହନ । ମନ୍ତ୍ର, କର୍ମକାଣ୍ଡରେ ପୂଜା ମଣ୍ଡପ ପ୍ରକମ୍ପିତ । ନୟାଗଡ ମ୍ୟୁନିସିପାଲିଟିର ରାଜବଗିଚା ଲକ୍ଷ୍ମୀବଜାର, ପାର୍କ ଲେନ, କଚେରି ବଜାରରେ ସାର୍ବଜନନୀ ଗଜଲକ୍ଷ୍ମୀ ମେଢ଼, ଜବୁଲି ମାର୍କେଟ, ଆରଏମ୍‌ସି ମାର୍କେଟ, ଓମେନ୍ସ କଲେଜ ଲେନରେ ମା ଗଜଲକ୍ଷ୍ମୀ ପୂଜା କମିଟି ଓ ପାଟଚଣ୍ଡି ମନ୍ଦିର କଲୋନି ପକ୍ଷରୁ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ସେହିପରି ନୟାଗଡ ବ୍ଲକର ବାଉଁଶିଆପଡା ଜଗନ୍ନାଥସାହି, ଗମ୍ଭାରଡିହିର ଦେଉଳି, ଲାଉସେଣା, ଗୋବିନ୍ଦପୁର, ଶୁକଳଗାଡିଆ, ଖେଡପଡା, ଗୋଡିସାହି, ଖମାରସାହି, ସାନପଣ୍ଡୁସରରେ ଅନୁରୂପ ଭାବେ ମେଢ଼ରେ ମା'ପୂଜା ପାଉଛନ୍ତି । ଶରଣକୁଳ ଲକ୍ଷ୍ମୀବଜାର ବଣିକ ସଂଘ ପକ୍ଷରୁ ଲକ୍ଷ୍ମୀବଜାରରେ, ମଗରବନ୍ଧ ବଣିକ ସଂଘ ଠାରେ, ସୋଲପଟା ଛକରେ, ଗୋଡିପଡା ତଳ ବଜାର ବଣିକ ସଂଘରେ, ଗୋଡିପଡା ଷଡଙ୍ଗୀ ସାହିରେ, ହରିଡାବନ୍ଧରେ ଅନପ ଭାବେ ଗଜଲକ୍ଷ୍ମୀ ପୂଜା ଚାଲିଛି। ଗ୍ରହଣ ଯୋଗୁ କିଛି ମେଢ଼ରେ ଦର୍ଶନ ବନ୍ଦ ଥିବାବେଳେ ଆଉ କିଛି ମେଢ଼ରେ ଦର୍ଶନ ଭକ୍ କରୁଛନ୍ତି ।

# ଆମ ପୋଲିସ ସମିତି ସଚେତନତା ଶିବିର

ଗଞ୍ଜାମ,୨୮।୧୦(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆମ ପୋଲିସ ସମିତି ସଚେତନ କାର୍ଯ୍ୟକ୍ରମ ଶିବିର ରମ୍ଭା ଥାନା ଅଧିକାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରମ୍ଭା ଥାନା ଅଧିକାରୀ ସତ୍ୟବ୍ରତ ଭୁଡିଆ ଏବଂ ଏସ୍‌ଆଇ ବିମଳ କର ଯୋଗଦେଇ କିପରି ସଚେତନତା କରାଯାଇପାରିବ ତାହା ୬ ଖଣ୍ଡ ଗ୍ରାମର ଲୋକଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବଟେଶ୍ୱର ମନ୍ଦିର ପରିଚାଳନା କମିଟି ଶବର କୁମାର ତରାଇ, ଶିବରାମ ସ୍ୱାଇଁ, ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ, ପବିତ୍ର ସ୍ୱାଇଁ, ରଞ୍ଜିତ କୁମାର ପଲାଇ, ନିରାକାର ଜେନାଙ୍କ ସମେତ ପରିଚାଳନା କମିଟି ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ସଚେତନତା ପାଇଁ ୱାକାଥନ

ବ୍ରହ୍ମପୁର/ପାରଳାଖେମୁଣ୍ଡି/ ଫୁଲବାଣୀ/ବାଲିଗୁଡ଼ା,୨୮।୧୦(ସ୍ମିତିରଞ୍ଜନ ମହାଳିକ/ଗିରିଧାରୀ ପରିଚ୍ଛା/ରାକେଶ କୁମାର ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ)



ପାରଳାଖେମୁଣ୍ଡିରେ ଜିଲାପାଳଙ୍କ ଦ୍ୱାରା ୱାକଥନ ଉଦ୍‌ଘାଟନ।



ଫୁଲବାଣୀରେ ପୂର୍ଣ୍ଣବାସୀ ଯାନି ରଥକୁ ଶୁଭାରମ୍ଭ କରୁଛନ୍ତି ।

ବ୍ରହ୍ମପୁର ଉପଖଣ୍ଡରେ ଭୋଟର ତାଲିକାର ସଂକ୍ଷିପ୍ତ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଶନିବାର ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ୱାକାଥନ ଓ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଶ କୁଲକର୍ଣ୍ଣି ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶଶୀଭୂଷଣ ରଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହାମୟୀ ମହାବିଦ୍ୟାଳୟ, ବ୍ରହ୍ମପୁର ସ୍କେଟିଂ ଏକାଡେମୀ, ବିଏଲଓ ଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ସହରର ଟାଉନ ହଲ ନିକଟରେ ପହଞ୍ଚିଥିଲା। ଯେଉଁ ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ। ସେମାନେ ଅନଲାଇନ ସମେତ ସ୍ଥାନୀୟ ବିଏଲଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ ବୋଲି ଉପ ଜିଲାପାଳ କହିଥିଲେ। ସହକାରୀ ଜିଲାପାଳ ଶୁଭଶ୍ରୀ ମିଶ୍ର ଓ ଆଶୁତୋଷ ପଟ୍ଟନାୟକଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଏବଂ ଅଧ୍ୟାପିକା ଉପସ୍ଥିତ ଥିଲେ।

ଗଜପତି ଜିଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଶନିବାର 'ୱାକଥନ ଓ ପଥ ଉତ୍ସବ' ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଯାଇଛି। ଏହି ୱାକଥନ ଓ ପଥ ଉତ୍ସବକୁ ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଉଦଘାଟନ କରିଥିଲେ। ଏସ୍‌କେସିଜି ମହାବିଦ୍ୟାଳୟଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରି ଥିଲା। କାର୍ଯ୍ୟକ୍ରମରେ ତହସିଲଦାର ନାରାୟଣ ବେହେରା, ସହାୟକ ଜିଲାପାଳ (ନିର୍ବାଚନ ଶାଖା) ଶିବାଂଶୁ ଶେଖର ଜେନାଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କନ୍ଧମାଳ ଜିଲାରେ ପଥ ଉତ୍ସବ ଓ ୱାକାଥନ ଅନୁଷ୍ଠିତ ହୋଇଛି। ପଦ୍ମଶ୍ରୀ ପୂର୍ଣ୍ଣବାସୀ ଯାନି, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଭୋଟ୍ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଡେପୁଟି କଲେକ୍ଟର ମାଲେସ୍ ପାତ୍ରୋ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ପଥ ଉତ୍ସବ ଓ ୱାକାଥନର ଶୁଭାରମ୍ଭ କରିଥିଲେ।

ସେହିପରି କନ୍ଧମାଳ ଜିଲା ବାଲିଗୁଡ଼ା ସହରର ତ୍ରିବେଦୀ ପାର୍କ ନିକଟରେ ଏକ ସଚେତନ ପଥ ଉତ୍ସବ ଓ ୱାକଥାନ କାର୍ଯ୍ୟକ୍ରମ ସଭା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଲୋକ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ନେତୃତ୍ୱରେ ସହରର ବସଷ୍ଟାଣ୍ଡ ନିକଟସ୍ଥ ବାଲିଗୁଡ଼ା ସେଲ୍ଫି ଜୋନଠାରୁ ତ୍ରିବେଦୀ ପାର୍କ ପର୍ଯ୍ୟନ୍ତ ଏକ ପଦଯାତ୍ରା ରାଲିକୁ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଏମ.ଏସ.ମଧୁମିତା ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଉପଜିଲାପାଳ ରୂପକ କୁଜୁର ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୨୮।୧୦(ନବୀନ ରାଜ ଆଚାରୀ) ଗୋପାଳପୁର ସମୁଦ୍ରରେ ଗାଧେଇବା ସମୟରେ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହକୁ ଲାଇଫ ଗାଡ଼ମାନେ ଶନିବାର ଠାବ କରିଛନ୍ତି। ସେ ହେଲେ ନୟାଗଡ ଅଞ୍ଚଳର ଓମକାର ପ୍ରସାଦ (୨୮)। ନୟାଗଡ ଅଞ୍ଚଳର ଓମକାର ସମେତ ୮ ଜଣ ଯୁବକ ଓ ଯୁବତୀ ଶୁକ୍ରବାର ସକାଳେ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ। ପୂର୍ବାହ୍ନରେ ଓମକାର ସହ ଅନ୍ୟମାନେ ସମୁଦ୍ର ହୋଟେଲ ସି ସାଇଡ୍ ନିକଟ ବେଳାଭୂମିଠାରେ ଗାଧେଇଥିଲେ। ଏହି ସମୟରେ ଜୁଆର ଆସିବାରୁ ଓମ୍ କାର ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ସ୍ଥାନୀୟ ଲାଇଫ ଗାର୍ଡ ପହଞ୍ଚି ଖୋଜାଖୋଜି କରିଥିଲେ। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୋଲିସ ଅଧିକାରୀ ବେଳାଭୂମିରେ ପହଞ୍ଚି ତଦନ୍ତ କରିବା ସହ କନିଷ୍ଠ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ୪ ଘଣ୍ଟା ଧରି ନିଖୋଜ ଯୁବକକୁ ଖୋଜିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇନଥିଲେ।ଶନିବାର ସକାଳେ ବେଳାଭୂମିରେ ନିୟୋଜିତ ଲାଇଫ ଗାଡ଼ମାନେ ଖୋଜା ଖୋଜି କରିବା ସମୟରେ ଓମକାରଙ୍କ ମୃତଦେହକୁ ମିଳିଥିଲା।ପୋଲିସ ନଂ. ୨୨/୨୩ରେ ଅପମୃତ୍ୟୁ ମାମଲା ରୁଜୁ ତଦନ୍ତ ଚଳାଇଛି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

# ନୟାଗଡ଼ ଜିଲାରେ ଗଜଲକ୍ଷ୍ମୀଙ୍କୁ ଆବାହନ


ନୟାଗଡ଼ ଜୁବୁଲି ମାର୍କେଟ


କଚେରି ବଜାର


ମହିଳା ମହାବିଦ୍ୟାଳୟ


ବ୍ଲକ ବଜାର


ନୟାଗଡ଼ ରାଜା ବଗିଚା


ନୟାଗଡ଼ ପାର୍କ ଲେନ


ଦଶପଲ୍ଲା ଲକ୍ଷ୍ମୀ ବଜାର


ଦଶପଲ୍ଲା ସାତପାଟଣା


ଖଣ୍ଡପଡ଼ା


ଗୋଡ଼ିପଡ଼ା ଷଡ଼ଙ୍ଗୀ ସାହି


ହରିଡ଼ାବନ୍ଧ


ସୋଲାପଟା

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଚରଣ


@ ପିଣ୍ଟୁ


@ ସୌମ୍ୟ


@ ସୌମ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ସଚେତନତା

ଗଣିଆ,୨୮।୧୦(ସନ୍ତୋଷ କୁମାର ପ୍ରଧାନ)

ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଓ ଗଣିଆ ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଳିତ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ ବିଭିନ୍ନ ଗାଁରେ ବୈଠକ କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି । ଖରିଫ ଓ ରବିଋତୁରେ ବନ୍ୟଜନ୍ତୁମାନେ ଫସଲ ଖାଇବା ପାଇଁ ଜଙ୍ଗଲରୁ ଚାଷଜମିକୁ ଚାଲି ଆସିଥାଆନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ବିଦ୍ୟୁତ୍ ତାରରେ ଫାଶ ଓ ହାତ ତିଆରି ବୋମା ଦ୍ୱାରା ସେମାନଙ୍କୁ ଶିକାର କରିବାକୁ ସକ୍ଷମ ହୋଇଥାଆନ୍ତି । ଏହା ଦ୍ୱାରା ବନ୍ୟଜନ୍ତୁ ଶିକାର ସହ ସ୍ଥାନୀୟ ଲୋକମାନେ ମଧ୍ୟ ବିପଦର ସମ୍ମୁଖୀନ ହୋଇଥାଆନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ଲାଗି ରହିଥାଏ । ଏହାକୁ ରୋକିବା ପାଇଁ ଶୁକ୍ରବାର ରାତ୍ରିରେ ଛାମୁଣ୍ଡିଆ ବନାଞ୍ଚଳ ଓ ଗଣିଆ ବିଦ୍ୟୁତ୍ ବିଭାଗ କର୍ମଚାରୀ ମିଳିତ ଭାବେ ଛାମୁଣ୍ଡିଆ ଗ୍ରାମରେ ବୈଠକ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । କୌଣସି ବ୍ୟକ୍ତି ବେଆଇନ ବିଦ୍ୟୁତ୍ ଫାଶ, ହାତବୋମା ଓ ଅନ୍ୟାନ୍ୟ ଉପାୟରେ ବନ୍ୟଜନ୍ତୁ ଶିକାର କଲେ ଗ୍ରାମବାସୀ ବନ୍ୟପ୍ରାଣୀ ବିଭାଗକୁ ସୂଚନା ଦେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜରିମାନା ଓ ଆଇନ ଅନୁଯାୟୀ ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ବନ୍ୟପ୍ରାଣୀ ବିଭାଗ ଓ ବିଦ୍ୟୁତ୍ ବିଭାଗ ମିଳିତ ଭାବେ ରାତ୍ରିକାଳୀନ ପାଟ୍ରୋଲିଂ କରିବା ସମୟରେ ଗ୍ରାମବାସୀ ସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଛାମୁଣ୍ଡିଆ ଗ୍ରାମ୍ୟ ପରିବେଶ ବିକାଶ ସମିତି ସଭାପତି ବସନ୍ତ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରା, ବନପାଳ ସଞ୍ଜୟ କୁମାର ରାଉତ, ବନରକ୍ଷୀ ପ୍ରଦ୍ୟୁମ୍ନ ପ୍ରଧାନ, ସ୍ନେହଲତା ବେହେରା, ବିଦ୍ୟୁତ୍ ବିଭାଗର ଶ୍ରୀନିବାସ ମିଶ୍ର, ସୁଶାନ୍ତ କୁମାର ମହାରଣାଙ୍କ ସମେତ ଛାମୁଣ୍ଡିଆ ଗ୍ରାମ ପରିବେଶ ବିକାଶ ସମିତି (ଇଡିସି)ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଗ୍ରାମଗୁଡ଼ିକରେ ବୈଠକ ଆୟୋଜନ ହୋଇ ସଚେତନତା କରାଯିବ ବୋଲି ମୌସୁମୀ ବେହେରା ସୂଚନା ଦେଇଛନ୍ତି ।


ବୈଠକରେ ଯୋଗଦେଇଥିବା ଗ୍ରାମବାସୀ ଓ ବିଭାଗୀୟ କର୍ମଚାରୀ ।

## ବିଦ୍ୟୁତ୍ ଫାଶ ନ ପକାଇବା ପାଇଁ ବୈଠକ

# ଖଣ୍ଡପଡ଼ା, ଖଳିସାହିରେ ଭସାଣି ଉତ୍ସବ

ଖଣ୍ଡପଡ଼ା,୨୮।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡା ସହର ସମେତ ଖଳିସାହି, ମର୍ଦ୍ଦରାଜପୁର ଓ ଆଖପାଖ ଗ୍ରାମର ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଦୁର୍ଗା ଦେବୀଙ୍କ ଭସାଣୀ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦାମାନେ ଏକ ବିରାଟ ଶୋଭାଯାତ୍ରାରେ ଜଗତ ଜନନୀ ମା'ଙ୍କୁ ନଦୀ ଘାଟରେ ମେଲାଣି ଦେଇଥିବା ଜଣାଯାଇଛି। ଶୋଭାଯାତ୍ରାରେ ଘଣ୍ଟଘଣ୍ଟାର ତାଳେ ତାଳେ ଯୁବକମାନଙ୍କ ସହ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ଚଳିତ ବର୍ଷ ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ।

# ପ୍ରିମିୟର ଲିଗ୍ କ୍ରିକେଟ, ଅଶୋକ କିଙ୍ଗ ଟିମ୍ ବିଜୟୀ

ଖଣ୍ଡପଡା,୨୮।୧୦(ଅଜୟ କୁମାର ମହାରଣା

ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ସାଇକୃପା କେପିଏଲ କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଥିବା ୩ୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିବସରେ ଶତପଥୀ ଲାୟନ୍ସ ଦଳକୁ ହରାଇ ଅଶୋକା କିଙ୍ଗ ବିଜୟୀ ହୋଇଛି । ଟସ୍ ଜିଣି ପ୍ରଥମେ ଶତପଥୀ ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା । ଜବାବରେ ଅଶୋକ କିଙ୍ଗ ଦଳ ୧୪.୪ ଓଭରରେ ୪ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୧୩୭ ରନ ସଂଗ୍ରହ କରି ୪ ଉଇକେଟରେ ବିଜୟୀ ହୋଇଛି । ବିଜୟୀ ଦଳର ପରମ ୨୭ ବଲରୁ ୫୩ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଖେଳକୁ ଶେଷଦେବ ନାୟକ, ଚନ୍ଦନ ଦଳେଇ ପରିଚାଳନା କରିଥିଲେ ।

# ମା'ଲକ୍ଷ୍ମୀଙ୍କଠାରୁ କପର୍ଦ୍ଦି ଖେଳରେ ହାରିଲେ ଶ୍ରୀଜୀଉ

ଖଣ୍ଡପଡା,୨୮।୧୦ (ଅଜୟ କୁମାର ମହାରଣା)

ଶନିବାର ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ପରମ୍ପରା ଅନୁସାରେ ନୀଳମାଧବ ଜୀଉଙ୍କ ପୀଠରେ ମା'ଲକ୍ଷ୍ମୀଙ୍କ ସହିତ ଶ୍ରୀ ନୀଳମାଧବ ଜୀଉ କପର୍ଦ୍ଦି(ଜୁଆ)ଖେଳରେ ପରାଜିତ ହୋଇଥିବା ପ୍ରଥାକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ । ତେବେ ଗ୍ରହଣ ଯୋଗୁ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ଅବସରରେ ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ଅପରାହ୍ନ ୨ଟାରେ ଗ୍ରାମ ବିଜେ କରିଥିଲେ । ଶ୍ରୀ ନୀଳମାଧବ ଜୀଉଙ୍କ ସମସ୍ତ ନୀତିକାନ୍ତି ଏବଂ ସକାଳ ଧୂପ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ସୁଦର୍ଶନଙ୍କୁ ବିମାନରେ ବିଜେ କରାଯାଇ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ ଆଦି ବାଜଣା ମାଧ୍ୟମରେ ଗ୍ରାମ ପରିକ୍ରମା(ଚାରି ଆଶ୍ରମ) କରାଯାଇଥିଲା । ଶ୍ରୀ ଜୀଉଙ୍କ ମାଧ୍ୟମ ପୂଜାରୀ ପ୍ରସନ୍ନ କୁମାର ମିଶ୍ର ଓ ପତ୍ରୀ ହୃଷିକେଶ ମିଶ୍ରଙ୍କ ମଧ୍ୟରେ ଜୁଆଖେଳ ସମ୍ପନ୍ନ ହୋଇଥିଲା । ସୂଚନା ଯୋଗ୍ୟ ଯେ, କପର୍ଦ୍ଦି ଖେଳ ପାଇଁ ଶ୍ରୀ ଜୀଉଙ୍କ ୨୧ଟି ରୁପାର କପର୍ଦ୍ଦି ରହିଛି ।

## ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଚାରି ଆଶ୍ରମ ପରିକ୍ରମା କଲେ ସୁଦର୍ଶନ

# ପାଣିପାଗ ସୂଚନା ମିଳିବାରେ ବ୍ୟତିକ୍ରମ

ନୂଆଗାଁ,୨୮।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର କାପ୍ତାପଲି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପାଣିପାଗର ପୂର୍ବାନୁମାନ ସୂଚନା ଓ କୃଷି ସୂଚନା ଦେବା ନିମନ୍ତେ ଗ୍ରାମ ବିକାଶ ସଂସ୍ଥା ତରଫରୁ କାପ୍ତାପଲ୍ଲୀ ଗ୍ରାମରେ ସୂଚନା ଫଳକର ବ୍ୟବସ୍ଥା କରାଯାଇଛି । ତେବେ ସୂଚନା ଫଳକର ଉଦ୍ଦେଶ୍ୟରେ ବ୍ୟତିକ୍ରମ ଦେଖା ଯାଉଥିବା ଅଭିଯୋଗ ହେଉଛି । ଆଗାମୀ ୭ ଦିନ ପାଇଁ ପାଣିପାଗ କ'ଣ ରହିବ ଓ ପାଣିପାଗ ତଥା ସମୟାନୁସାରେ କୃଷି କାର୍ଯ୍ୟ ପାଇଁ କଣ କରିବାକୁ ହେବ ସେ ସମ୍ବନ୍ଧୀୟ ସୂଚନା ପ୍ରତ୍ୟେକ ସୋମବାର ଦିନ ଲେଖାଯିବା ପାଇଁ କାପ୍ତାପଲି ଗ୍ରାମର ସର୍ବସାଧାରଣ ସ୍ଥାନରେ ଦୀର୍ଘ ବର୍ଷ ହେଲା ଏକ ଫଳକ ବ୍ୟବସ୍ଥା କରାଯାଇଛି । ସେଥିପାଇଁ ଜଣେ ବ୍ୟକ୍ତି ନିୟୋଜିତ ରହିବ । ଗ୍ରାମ ବିକାଶ ତରଫରୁ ସୂଚନା ମିଳିବା ପରେ ହସ୍ତଗତ ତଥ୍ୟକୁ ଉକ୍ତ ସୂଚନା ଫଳକରେ ଲେଖାଯିବ । ଯେପରିକି ପବନର ବେଗ ଓ ଦିଗ, ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା, ସର୍ବାଧିକ ଏବଂ ସର୍ବନିମ୍ନ ଆର୍ଦ୍ରତା ଏବଂ ଚାଷ ପାଇଁ କିଛି ଆବଶ୍ୟକୀୟ ଉପଦେଶର ସୂଚନା ଏହି ବୋର୍ଡରେ ଉଲ୍ଲେଖ କରାଯାଇଥାଏ । ସୂଚନା ଫଳକ ପ୍ରସ୍ତୁତ ହୋଇଥିଲେ ମଧ୍ୟ ସେଠାରେ କୌଣସି ସୂଚନା ଲେଖା ଯାଉ ନ ଥିବା ବେଳେ ଗତ ୩ ମାସ ପୂର୍ବେ କାପ୍ତାପଲି ଗ୍ରାମର ବନିତା ବେହେରାଙ୍କୁ ଉକ୍ତ ସୂଚନା ଫଳକରେ ସୂଚନା ଲେଖିବା କାର୍ଯ୍ୟରେ ନିୟୋଜିତ କରାଯାଇଛି । ପ୍ରତି ସୋମବାର ଦିନ ବନିତାଙ୍କର ମୋବାଇଲକୁ ସମସ୍ତ ସୂଚନା ଆସିବା ପରେ ସେ ତାଙ୍କର ଦାୟିତ୍ୱ ନିର୍ବାହ କରି ତଥ୍ୟକୁ ସୂଚନା ଫଳରେ ଲେଖିଥାଆନ୍ତି । ଏହି କାର୍ଯ୍ୟପାଇଁ ତାଙ୍କୁ ମାସିକ ବେତନ ଦେବା ପାଇଁ ଗ୍ରାମ ବିକାଶ ତରଫରୁ କୁହାଯାଇଥିଲା । କିନ୍ତୁ ଦୀର୍ଘ ୩ ମାସ ହେଲା ତାଙ୍କୁ ବେତନ ନ ଦେବାରୁ ସେ ଆଉ ସୂଚନା ଲେଖୁ ନାହାନ୍ତି, ଯାହା ଫଳରେ ଲୋକମାନେ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି । ସେଥିପ୍ରତି ବିଭାଗୀୟ କର୍ମକର୍ତ୍ତା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଗଜଲକ୍ଷ୍ମୀ ପୂଜା ପାଳିତ

ଖଣ୍ଡପଡା,୨୮।୧୦
(ଅଜୟ କୁମାର ମହାରଣା)

ଶନିବାରଠାରୁ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଣ୍ଡପଡା ରଥଗଡା ଓ ବଜାର ସମେତ ଖଳିସାହି, ବାଣପୁର, ବଳଭଦ୍ରପ୍ରସାଦ, କୋସକା ମଧୁପୁର, ବସନ୍ତପୁର, ଜଗନ୍ନାଥ ପ୍ରସାଦ, ମଙ୍ଗଳପୁର, ବାହାଡା, ବନମାଳିପୁର, ବରକୋଳିବନ୍ଧ. ବେଣାଗାଡିଆ ଏବଂ ସିଧାମୂଳା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି । ପୂଜା ମଣ୍ଡପଗୁଡିକର ଆଲୋକ ସାଜସଜ୍ଜାରେ ପରିବେଶ ତଥା ସମ୍ପୃକ୍ତ ଅଞ୍ଚଳ ଝଲସି ଉଠୁଛି । ପୂଜା ମଣ୍ଡପରେ ସନ୍ଧ୍ୟାପରଠାରୁ ଲୋକଙ୍କ ଭିଡଲାଗି ରହୁଛି । ପାରମ୍ପରିକ ରୀତି ଅନୁଯାୟୀ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବେଣାଗାଡିଆରେ ୩ ଦିନ ବ୍ୟାପୀ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ହୋଇଥିଲା । ଏହି ଅବସରରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଶେଷକରି ଖଣ୍ଡପଡା ରଥଗଡାର ୩ଟି ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୁର୍ତ୍ତୀ ପୂଜା ପାଉଥିବାରୁ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି । ସୂଚନାଯୋଗ୍ୟ, ପ୍ରଥମେ ଖଣ୍ଡପଡା ରଥଗଡାଠାରେ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ମାଟ୍ରିକ ବ୍ୟାଚଙ୍କ ଦ୍ୱାରା ଗଜଲକ୍ଷ୍ମୀ ପୂଜାର ମୃଣ୍ମୟୀ ମୂର୍ତ୍ତିର ଆୟୋଜନ କରାଯାଇଛି ।

